# ବଟି ନ ଦେବାରୁ ଘର ପୋଡ଼ିଦେଲେ, ୨ ଗିରଫ

ଯାଁଳା,୯।୯(ବୁଲା ବାରିକ)

୨ଲକ୍ଷ ଟଙ୍କା ବଟି ନ ଦେବାରୁ ଘର ପୋଡ଼ିଦେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ହରପୁର ଗ୍ରାମର ସୋମ୍ୟପ୍ରକାଶ ସିଂ (୩୪) ଓ ମଳୟ ଦଳେଇ(୩୪)। ଏହି ଥାନା ଅଧୀନ ହରପୁର ଗ୍ରାମର ବାସିନ୍ଦା ମନୋଜ କୁମାର ପୃଷ୍ଟିଙ୍କ ଅଭିଯୋଗ ଅନୁସାରେ, ଗାଁ ମୁଣ୍ଡରେ ଥିବା ଘରକୁ କନ୍‌ଷ୍ଟ୍ରକସନ କାର୍ଯ୍ୟରେ ନିୟୋଜିତ ଥିବା କେତେଜଣ ଶ୍ରମିକଙ୍କୁ ଭଡାରେ ଦେଇଥିଲେ। ଗତ ୭ ତାରିଖରେ ଅଭିଯୁକ୍ତଦ୍ୱୟ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ମନୋଜ ଓ ଶ୍ରମିକମାନଙ୍କୁ ୨ଲକ୍ଷ ଟଙ୍କା ବଟି ଦେବା କହିବା ସହ ନାନା ଧମକ ଦେଇଥିଲେ। ମନୋଜ ବଟି ଦେବାକୁ ମନା କରିଦେଇଥିଲେ। ଶ୍ରମିକମାନେ ଭୟଭୀତ ହୋଇ ଘର ଛାଡି ପଳାଇଥିଲେ। ରବିବାର ଅଭିଯୁକ୍ତମାନେ ଉକ୍ତ ଆଜବେଷ୍ଟସ ଘରେ ନିଆଁ ଲଗାଇ ଦେଇଥିଲେ। ଏନେଇ ମନୋଜ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ରାକେଶଙ୍କ ବଂଶୀ, ଓଜସଙ୍କ ତବଲାରେ ଶାସ୍ତ୍ରୀୟତାର ଧୁନ୍

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ପଞ୍ଚମ ସନ୍ଧ୍ୟା



ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ପଞ୍ଚମ ସନ୍ଧ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପ୍ରଖ୍ୟାତ ହିନ୍ଦୁସ୍ତାନୀ ବଂଶୀବାଦକ ରାକେଶ ଚୌରାସିଆ ଓ ପ୍ରସିଦ୍ଧ ତବଲା ବାଦକ ଓଜସ ଅଧିୟାଙ୍କ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଯୁଗଳବନ୍ଦୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ସେମାନେ ଶାସ୍ତ୍ରୀୟ ହିନ୍ଦୁସ୍ତାନୀ ସଙ୍ଗୀତକୁ ବାଦ୍ୟର ଧୁନ୍‌ରେ ଶ୍ରୋତାଙ୍କ ନିକଟରେ ନିଆରା ଭାବେ ଉପସ୍ଥାପନ କରିଥିଲେ। ଉଭୟ କଳାକାର ସେମାନଙ୍କ ବାଦନ ଶୈଳୀରେ ଉତ୍କର୍ଷତା ଏବଂ ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି। ବିଶିଷ୍ଟ ବଂଶୀବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ପ୍ରମୁଖ ଶିଷ୍ୟ ରାକେଶ ପରୀକ୍ଷାମୂଳକ ଶାସ୍ତ୍ରୀୟ ସଙ୍ଗୀତରେ ନିଜର ଶକ୍ତି ଓ ଶାନ୍ତିର ମିଶ୍ରଣ ପାଇଁ ପ୍ରସିଦ୍ଧି ଅର୍ଜନ କରିବା ସହ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ବଂଶୀ ବାଦନକୁ ଆଗକୁ ବଢାଇ ପାରିଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ପାରାଦୀପ ଫସ୍‌ଫେଟ୍ ଲିମିଟେଡର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ର ଉତ୍ସବଟିର ପରିକଳ୍ପନା ଓ କାର୍ଯ୍ୟକାରୀ କରିଥିଲାବେଳେ ଦେବୀପ୍ରସାଦ ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛି।




ହିନ୍ଦୁସ୍ତାନୀ ବଂଶୀବାଦକ ରାକେଶ ଚୌରାସିଆ ଓ ପ୍ରସିଦ୍ଧ ତବଲା ବାଦକ ଓଜସ ଅଧିୟା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟି ଦାବି ଜଣାଇଲା ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ

ଭୁବନେଶ୍ୱର, ୯।୯(ବନ୍ଦନା ସେଠୀ)

ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ଅଧ୍ୟକ୍ଷ ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ ପାତ୍ରଙ୍କ ନେତୃତ୍ୱରେ ୧୯ଜଣିଆ ପ୍ରତିନିଧି ଦଳ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି। ଓଡ଼ିଶାରେ ଛତୁ ଚାଷକୁ ଅଧିକ ବ୍ୟାପକ କରିବା ସହିତ ଶୀତଳଭଣ୍ଡାର ଓ ଶୀତଳ କୋଠି ସଂଯୁକ୍ତ ଉନ୍ନତ ବିକ୍ରୟ ବ୍ୟବସ୍ଥା ପ୍ରଚଳନ, ଉତ୍ପାଦନ ବୃଦ୍ଧି ପାଇଁ 'ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀ'ର ପ୍ରଶିକ୍ଷଣ ଲାଗି ଛତୁଚାଷୀଙ୍କୁ ଚାଇନା ବା ଥାଇଲାଣ୍ଡ ପଠାଯିବା ଆଦି ୫ଟି ଦାବି ସମ୍ବଳିତ ପତ୍ର ମହାସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଡ. ପାତ୍ର ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର 'ଭାରତ ରତ୍ନ' ପ୍ରଦାନ କରିବା, ସଂସଦ ଭବନରେ ପ୍ରତିମୂର୍ତ୍ତି ସ୍ଥାପନ ଓ ରାଷ୍ଟ୍ରନାୟକ ମଧୁସୂଦନ ଦାସଙ୍କ ନାମରେ ଟ୍ରେନ୍ ପ୍ରଚଳନ ଆଦି ଦାବି ସହ ୧୨ପୃଷ୍ଠା ସମ୍ବଳିତ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ବାଚସ୍ପତି, ବିରୋଧୀ ଦଳ ନେତାଙ୍କ ନିକଟକୁ ମଧ୍ୟ ପ୍ରେରଣ କରାଯାଇଛି। ପ୍ରତିନିଧି ଦଳରେ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, କଟକ ଶାଖା ସଭାପତି ଗୋବିନ୍ଦ ଚନ୍ଦ୍ର ରାଉତ, ପୁରୀ ଶାଖା ସମ୍ପାଦକ ଶଙ୍କର ପ୍ରଧାନ, ଗୋପାଳକୃଷ୍ଣ ନାୟକ ପ୍ରମୁଖ ସାମିଲ ଥିଲେ।



ରାଷ୍ଟ୍ରପତିଙ୍କୁ ଭେଟିବା ଅବସରରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ପ୍ରତିନିଧି ମଣ୍ଡଳୀ।

# ଏନ୍‌ଏସ୍‌ଇ ବୁଲ୍ ପ୍ରତିମୂର୍ତ୍ତି, କଫି ଟେବୁଲ୍ ବୁକ୍ ଉନ୍ମୋଚିତ




ଏନ୍‌ଏସ୍‌ଇ ମୁଖ୍ୟାଳୟରେ ବୁଲ୍ ସ୍ଥାପତ୍ୟ ଉନ୍ମୋଚନ ଅବସରରେ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଓ ଏନ୍‌ଏସ୍‌ଇର ସିଇଓ ଆଶିଷ ଚୌହ୍ୱାନ।

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

## ଏନ୍‌ଏସ୍‌ଇ ଭାରତର ଅଭିବୃଦ୍ଧି ଓ ଆକାଂକ୍ଷାର ପ୍ରତୀକ: ସି.ପି. ରାଧାକ୍ରିଷ୍ଣନ

ମୁମ୍ବାଇସ୍ଥିତ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ) ମୁଖ୍ୟ କାର୍ଯ୍ୟାଳୟରେ ଆଇକନିକ୍ ଏନ୍‌ଏସ୍‌ଇ ବୁଲ୍ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏନ୍‌ଏସ୍‌ଇର ଏମ୍‌ଡି ତଥା ସିଇଓ ଆଶିଷ ଚୌହ୍ୱାନଙ୍କ ଉପସ୍ଥିତିରେ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଏହାକୁ ଉଦ୍‌ଘାଟନ କରିବା ସହ 'ଦି ଜର୍ନି ଅଫ୍ ଏମ୍ପାୱାରିଂ ୧.୪ ବିଲିଅନ୍ ଡ୍ରିମ୍ସ' ନାମକ କଫି ଟେବୁଲ୍ ବୁକ୍‌କୁ ଉନ୍ମୋଚନ କରିଛନ୍ତି। ରାଜ୍ୟପାଳ ଖୁସିବ୍ୟକ୍ତ କରି କହିଛନ୍ତି, ଏହି ବୁଲ୍ ଆର୍ଥିକ ଦୃଢ଼ତା ଓ ଉର୍ଦ୍ଧ୍ୱମୁଖୀ ଧାରାର ପ୍ରତୀକ, ଯାହା ଷ୍ଟକ୍ ବଜାର ଇତିହାସ ସହ ଗଭୀର ଭାବେ ଜଡ଼ିତ ରହିଛି। ସେହିପରି ଏହି ସ୍ଥାପତ୍ୟ କଳା ଚାରିପାଖରେ ଥିବା ବ୍ୟକ୍ତିତ୍ୱମାନେ ଭାରତର ପ୍ରଗତିରେ ବିବିଧ ଅଂଶଗ୍ରହଣ ଓ ଯୋଗଦାନର ପ୍ରତିନିଧିତ୍ୱ କରୁଛନ୍ତି। ଏନ୍‌ଏସ୍‌ଇ କେବଳ ଏକ ଆର୍ଥିକ ଅନୁଷ୍ଠାନ ନୁହେଁ, ଏହା ହେଉଛି ଭାରତର ଅଭିବୃଦ୍ଧି ଓ ଆକାଂକ୍ଷାର ପ୍ରତୀକ। ଏନ୍‌ଏସ୍‌ଇର ଏମ୍‌ଡି ଚୌହ୍ୱାନ କହିଛନ୍ତି, ସମାଜ ଓ ବଜାର ଭିତରେ ରହିଥିବା ସମ୍ପର୍କର ପ୍ରତୀକ ହେଉଛି ଏନ୍‌ଏସ୍‌ଇର ଏହି ବୁଲ୍ ସ୍ଥାପତ୍ୟ। ୩୦ ବର୍ଷ ପୂର୍ବେ ୧୯୯୪ରେ ଷ୍ଟକ୍ ବଜାର ସମ୍ପର୍କରେ ଲୋକେ ଜାଣିପାରୁ ନ ଥିଲେ। ଏନ୍‌ଏସ୍‌ଇରେ ପ୍ରଥମଥର ପାଇଁ ଅଟୋମେଟେଡ୍ ଓ ସ୍କ୍ରିନ୍‌ଭିତ୍ତିକ ଟ୍ରେଡିଂ ଆରମ୍ଭ ହେବାପରେ ଷ୍ଟକ୍ ବଜାର ଦେଶର କୋଣ ଅନୁକୋଣରେ ପହଞ୍ଚିଥିଲା। ଏବେ ଏନ୍‌ଏସ୍‌ଇରେ ୧୦କୋଟିରୁ ଅଧିକ ସ୍ୱତନ୍ତ୍ର ନିବେଶକ ପଞ୍ଜୀକୃତ ହୋଇଛନ୍ତି। ଏକ ସୁଦୃଢ଼ ଷ୍ଟକ୍ ବଜାର ବ୍ୟବସ୍ଥା ସୃଷ୍ଟି କରିବା ଲକ୍ଷ୍ୟକୁ ଏନ୍‌ଏସ୍‌ଇ ପୂରଣ କରିପାରିଛି। ଏଥିସହ ଦେଶର ସଞ୍ଚୟ, ନିଯୁକ୍ତି, ଆର୍ଥିକ ଦୃଶ୍ୟପଟ୍ଟ ଓ ପ୍ରଯୁକ୍ତି ବିପ୍ଳବରେ ଏନ୍‌ଏସ୍‌ଇ ବୈପ୍ଳବିକ ଭୂମିକା ଗ୍ରହଣ କରିଛି ବୋଲି ଚୌହାନ କହିଛନ୍ତି।

# ରାଜ୍ୟ ସମାଜସେବୀ ମହାସଂଘର ନୂଆ କମିଟି ଗଠିତ

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସମାଜସେବୀ ମହାସଂଘର ସାଧାରଣ ବୈଠକ ସୋମବାର ଏକାମ୍ରହାଟରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ହରିଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସର୍ବସମ୍ମତିକ୍ରମେ ଅମିୟବାଳା ପରିଡ଼ାଙ୍କୁ ରାଜ୍ୟ ମହିଳା ସଭାପତି, ନାରାୟଣ ସାହୁଙ୍କୁ ରାଜ୍ୟ ସଭାପତି, ସାଗର ସୁନ୍ଦର ଦାଶଙ୍କୁ ରାଜ୍ୟ ସମ୍ପାଦକ, ବରିଷ୍ଠ ସଦସ୍ୟ ନରୋତ୍ତମ ଦାସ ମହାସଚିବ, ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଆବାହକ, ଦେବାଶିଷ ପଟ୍ଟନାୟକ ରାଜ୍ୟ ଉପଦେଷ୍ଟା ଓ ଗଗନ ବିହାରୀ ପାଇଟାଲଙ୍କୁ ପରିଚାଳନା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ମାନସ ଥାଟୋଇ କୋଷାଧ୍ୟକ୍ଷ, ହରିଶ ପଟ୍ଟନାୟକ ଉପସଭାପତି, ଆଲୋକ ରଞ୍ଜନ ଦାସ ରାଜ୍ୟ ସଂଯୋଜକ, ରାକେଶ ମହାପାତ୍ର ଉପ-ସମ୍ପାଦକ ଏବଂ ରଞ୍ଜୁଲତା ବେହେରା ମିଡ଼ିଆ ସଞ୍ଚାଳକ ରହିଛନ୍ତି।

# ଏସ୍‌ସିବିରେ ଦ୍ୱିତୀୟ ଯକୃତ ପ୍ରତିରୋପଣ ସଫଳ

## ନୟାଗଡ଼ର ମାନସ ପାଇଲେ ନୂଆ ଜୀବନ

କଟକ,୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଦ୍ୱିତୀୟ ଯକୃତ (ଲିଭର) ପ୍ରତିରୋପଣ କରି ସୋମବାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଇତିହାସ ରଚିଛି। ପୂର୍ବଭାରତର ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ଥର ପାଇଁ ଯକୃତ ପ୍ରତିରୋପଣ କରାଯାଇଛି। ଏସ୍‌ସିବିରେ ନୟାଗଡ଼ ଅଞ୍ଚଳର ମାନସ ମୁଦୁଲି (୩୯)ଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିବାବେଳେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି। ମାନସଙ୍କ ଶରୀରରେ ତାଙ୍କ ସ୍ତ୍ରୀ ଛବି ମୁଦୁଲି(୨୬)ଙ୍କ ଯକୃତର ୫୫ ପ୍ରତିଶତ ଅଂଶ ପ୍ରତିରୋପଣ କରାଯାଇଛି। କାଜୁଆଲିଟିର ଚତୁର୍ଥ ମହଲାରେ ଥିବା ମଡ୍ୟୁଲାର ଓଟିରେ ସୋମବାର ସକାଳ ୮ଟାରୁ ଏହି ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରାୟ ୧୦ ଘଣ୍ଟା ଧରି ଚାଲିଥିଲା। ଉଭୟ ଗ୍ରହୀତା ମାନସ ଓ ଦାତା ଛବିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଉକ୍ତ ବିଭାଗର ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ମାନସଙ୍କ ଶରୀରରେ ପ୍ରତିରୋପିତ ଲିଭର ୪ରୁ ୫ ମାସ ମଧ୍ୟରେ ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷଙ୍କ ଲିଭର ଭଳି ଏହା କାମ କରିବ। ଉଭୟଙ୍କୁ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ମେଡିକାଲରେ ରଖାଯାଇ ଚିକିତ୍ସା କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯକୃତ ପ୍ରତିରୋପଣ ଟିମ୍‌ରେ ସାମିଲ ଥିବା ଏସ୍‌ସିବିର ହୃଦ୍‌ରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି)ର ଡାକ୍ତରୀ ଟିମ୍ ନିର୍ଦ୍ଦେଶକ ତଥା ମୁଖ୍ୟ ପି. ବାଲାଚନ୍ଦ୍ରନ୍ ମେନନ୍, ଉପସଭାପତି ଡା. ସନ୍ତୋଷ କୁମାର ସାହୁଙ୍କ ସମେତ ୪ଜଣିଆ ଡାକ୍ତରୀ ଟିମ୍ ସମେତ ଏସ୍‌ସିବି ମେଡିକାଲ ଯକୃତ ପ୍ରତିରୋପଣ ବିଭାଗର ନୋଡାଲ ଅଧିକାରୀ ପ୍ରଫେସର ଡା. ରାଜେଶ କୁମାର ଦୋରା, ନିଶ୍ଚେତକ ବିଭାଗ ପ୍ରଫେସର ଡା. ପ୍ରମୋଦ କୁମାର ପଲାଇ, ସର୍ଜରି ବିଭାଗ ଆସୋସିଏଟ ପ୍ରଫେସର ଡା. ଲକ୍ଷ୍ମୀନାରାୟଣ ମହାନ୍ତି ଏବଂ ନିଦାନ ବିଭାଗର ପ୍ରଫେସର ଡା. କୌମୁଦୀ ପଟ୍ଟନାୟକ ପ୍ରମୁଖ ଅସ୍ତ୍ରୋପଚାର କରିଥିଲେ। ମେଡିକାଲ କଲେଜ ଅଧୀକ୍ଷକ ତଥା ଅସ୍ଥାୟୀ ଭାବେ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ଅତିରିକ୍ତ ଅଧୀକ୍ଷକ ଡା. ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସୂଚନାଯୋଗ୍ୟ, ମାନସ ଲିଭର ସିରୋସିସ୍ ରୋଗରେ ଆଜିକୁ ପାଞ୍ଚବର୍ଷ ହେବ ପୀଡ଼ିତ ଥିଲେ। ପରେ ସେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ୨୦୧୨ରୁ ଏସ୍‌ସିବିରେ ଲିଭର ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଥିବାବେଳେ ଏନେଇ ହାଇଦ୍ରାବାଦସ୍ଥିତ ଏଆଇଜି ସହ ଚୁକ୍ତି ହୋଇଥିଲା। ଏହି ଲିଭର ପ୍ରତିରୋପଣ ୟୁନିଟ୍‌କୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସ ଉଦ୍‌ଘାଟନ କରିଥିଲେ। ଲିଭର ପ୍ରତିରୋପଣ ପାଇଁ ୩୦ରୁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ରାଜ୍ୟର କେତୋଟି ନିର୍ଦ୍ଦିଷ୍ଟ ନାମୀଦାମୀ ଘରୋଇ ହସ୍ପିଟାଲକୁ ବାଦ୍ ଦେଲେ ଲିଭର ପ୍ରତିରୋପଣ ପାଇଁ କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ନୂଆଦିଲ୍ଲୀ, ଅହମ୍ମଦାବାଦ, ହାଇଦ୍ରାବାଦ ଯିବାକୁ ପଡ଼ିଥାଏ।



ଯକୃତ ପ୍ରତିରୋପଣ ଅସ୍ତ୍ରୋପଚାର ପରେ ଉପସ୍ଥିତ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ, ରେଜିଷ୍ଟ୍ରାର ଡ. ଅବିନାଶ ରାଉତ ଏବଂ ଡାକ୍ତରମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୀଲ



@ କ୍ରିଷନ



@ ପିଣ୍ଟୁ



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏକ୍‌ମୋ ସହାୟତାରେ ଗୁରୁତର ମହିଳାଙ୍କ ଜୀବନ ବଞ୍ଚିଲା



ମହିଳା ରୋଗୀଙ୍କୁ ଡିସ୍‌ଚାର୍ଜ କରାଯିବା ଅବସରରେ ଡାକ୍ତରୀ ଟିମ୍ ସହ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ।

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳର ଆଉ ଏକ ସଫଳ ପ୍ରୟୋଗ କରିଛି ଏମ୍ସ ଭୁବନେଶ୍ୱର। ଅତ୍ୟାଧୁନିକ ଏକ୍‌ମୋ ଥେରାପି ପ୍ରୟୋଗ କରି ଗୁରୁତର ହୋଇପଡିଥିବା ଜଣେ ମହିଳାଙ୍କୁ ବଞ୍ଚାଇବାରେ ସଫଳତା ହାସଲ କରିଛନ୍ତି ଏମ୍ସ ଡାକ୍ତରୀ ଦଳ। କୋଭିଡ୍ ସମୟରେ ଚର୍ଚ୍ଚାକୁ ଆସିଥିବା ଏହି ଏକ୍‌ମୋ ଥେରାପି ଚିକିତ୍ସା ଏବେ ଅଣକୋଭିଡ୍ ରୋଗୀଙ୍କ କ୍ଷେତ୍ରରେ ବଡ଼ ସହାୟକ ହୋଇଛି। ୫୩ ବର୍ଷୀୟା ଜଣେ ମହିଳା ନିମୋନିଆରେ ଆକ୍ରାନ୍ତ ହେବା ସହ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଏମ୍ସରେ ଭର୍ତ୍ତି କରାଯିବାବେଳେ ଶ୍ୱାସକ୍ରିୟାରେ ଜଟିଳତା ସହିତ ଅମ୍ଳଜାନ ସ୍ତର ମାତ୍ରାଧିକ ହ୍ରାସ ଘଟିଥିଲା। ସର୍ବାଧିକ ଭେଣ୍ଟିଲେଟର ଏବଂ ଅନ୍ୟାନ୍ୟ ମେଡିକାଲ ଚିକିତ୍ସା ପଦ୍ଧତିର ପ୍ରୟୋଗ ସତ୍ତ୍ୱେ ମହିଳାଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ଫଳରେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ଡାକ୍ତରୀ ଦଳ ପାଖରେ ଏକ୍‌ମୋ ହିଁ ଏକମାତ୍ର ବିକଳ୍ପ ଥିଲା। ଜଣେ ଗୁରୁତର ମହିଳାଙ୍କ କ୍ଷେତ୍ରରେ ଏକ୍‌ମୋ ପ୍ରୟୋଗ କରି ଜୀବନ ବଞ୍ଚାଇଥିବାରୁ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳର ଅସାଧାରଣ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ଏମ୍ସ ଡାକ୍ତରୀ ଦଳର ସଫଳତା

ଏହି ପ୍ରକ୍ରିୟାର ନେତୃତ୍ୱ ନେଇଥିବା ଆଇସିୟୁ କନ୍‌ସଲ୍‌ଟାଣ୍ଟ ତଥା ଏକ୍‌ମୋ ବିଶେଷଜ୍ଞ ଡା. ଶ୍ରୀକାନ୍ତ ବେହେରା କହିଛନ୍ତି, ଶରୀରରେ ଅମ୍ଳଜାନର ଘୋର ଅଭାବ ଏବଂ ଫୁସ୍‌ଫୁସ୍ ଭଳି ଅଙ୍ଗର ବିଫଳତା କାରଣରୁ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ଅବସ୍ଥାରେ ଥିଲା। ଏହି ସମୟରେ ଏକ୍‌ମୋ ତାଙ୍କ ବଞ୍ଚିବା ପାଇଁ ଏକମାତ୍ର ବିକଳ୍ପ ସାଜିଥିଲା। ଏହି ଉନ୍ନତ ଯନ୍ତ୍ରଟି ଉକ୍ତ ମହିଳାଙ୍କର କୃତ୍ରିମ ଫୁସ୍‌ଫୁସ୍ ଏବଂ ହୃଦୟ ଭାବରେ କାର୍ଯ୍ୟ କଲା। ଅମ୍ଳଜାନ ସ୍ତର ବଜାୟ ରଖିବା ସହ ଫୁସ୍‌ଫୁସ୍‌କୁ ସୁସ୍ଥ ହେବାକୁ ଆବଶ୍ୟକ ସମୟ ପ୍ରଦାନ କରିଥିଲା। ଏକ୍‌ମୋ ଥେରାପିରେ ୮ଦିନ ପରେ ରୋଗୀଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ଦେଖିବାକୁ ମିଳିଥିଲା। ତାଙ୍କ ଫୁସ୍‌ଫୁସ୍ ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଲାଗିଲା ଏବଂ ଶେଷରେ ତାଙ୍କୁ ଏକ୍‌ମୋ ବ୍ୟବସ୍ଥାରୁ କଢ଼ାଯାଇଥିଲା। ଏକାଧିକ ସଂକ୍ରମଣର ମୁକାବିଲା ପାଇଁ ଚାଲୁଥିବା ସହାୟକ ଚିକିତ୍ସା ଏବଂ ଆଣ୍ଟିବାୟୋଟିକ ଜାରି ରହିବା ପରେ ମହିଳା ଜଣଙ୍କ ସୁସ୍ଥ ହେବା ସହିତ ଡିସ୍‌ଚାର୍ଜ ହୋଇଥିବା ଡା. ବେହେରା ସୂଚନା ଦେଇଛନ୍ତି। ଶିଶୁ ଏକ୍‌ମୋ ବିଶେଷଜ୍ଞ ଡା. କୃଷ୍ଣ ମୋହନ ଗୁଲା ଏବଂ ସିଟିଭିଏସ୍ ବିଭାଗୀୟ ମୁଖ୍ୟ ଡା. ସତ୍ୟପ୍ରିୟ ମହାନ୍ତି ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ



ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)– ୟୁନାଇଟେଡ୍ ଫର୍ ସୋସିଆଲ ଇଣ୍ଟେରେଷ୍ଟ (ୟୁଏସ୍ଆଇ) ଫାଉଣ୍ଡେଶନ ପକ୍ଷରୁ ସତ୍ୟନଗରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘ ପରିସରରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଫାଉଣ୍ଡେଶନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ. ରଶ୍ମୀରେଖା ସାହୁ, ଆବାହକ ପ୍ରତିକ୍ଷା ମିଶ୍ର, କୋଷାଧ୍ୟକ୍ଷ ଅତୁଳବାଳା ଦାସ, ସଂଯୋଜକ ନୀଳକଣ୍ଠ ନାଥ, ସରିତା ପଣ୍ଡା ଏବଂ ସତ୍ୟାନନ୍ଦ ନାୟକଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ପ୍ରଦାନ କରାଯିବା ସହ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ଦୃଷ୍ଟିହୀନ ସଂଘର ଜିତେନ୍ଦ୍ର ସିଂଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସ୍ୱାତୀ, ଶାଶ୍ୱତୀ, ଅଦିତି, ସୋମ୍ୟ, ଡ. ତୁଳିଶ୍ରୀ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ଦେବାଶିଷ ପ୍ରମୁଖ ସହାୟତା କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୯।୯ (ସୁବାସ ଚନ୍ଦ୍ର ପ୍ରଧାନ)– ସ୍ଥାନୀୟ ଟିକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯିବା ସହ ଏଗୁଡ଼ିକର ସୁରକ୍ଷା ଜରୁରୀ ବୋଲି କାର୍ଯ୍ୟକ୍ରମର ଆୟୋଜକ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ଏହି ଅବସରରେ ସେଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ଉତ୍ସାହୀ ଯୁବକ ଏବଂ ସ୍ୱେଚ୍ଛାସେବୀମାନେ ରକ୍ତ ଦାନ କରିଥିଲେ। ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଟିକରପଡ଼ା ଗ୍ରାମର ଯୁବକମାନଙ୍କ ମିଳିତ ସହଯୋଗରେ ଆୟୋଜିତ ୨ଟି କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ସାହୁ, କ୍ୟାପିଟାଲ ହସ୍ପିଟାଲର ରକ୍ତଭଣ୍ଡାର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର, ସ୍ଥାନୀୟ ସରପଞ୍ଚ ପଞ୍ଚୈଇ ମଲ୍ଲିକ, ସୁଜାତା ସାହୁ, ରୀନା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ବାମଦେବ ଗଜେନ୍ଦ୍ର, ଆଇନଜୀବୀ ସୂର୍ଯ୍ୟକାନ୍ତ ସାହୁ, ହରପ୍ରସାଦ ମହାପାତ୍ର, ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ, ଭଗବାନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରଦ୍ଧାଳୁମାନେ ବିଘ୍ନେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତିକୁ କୁଆଖାଇ ନଦୀରେ ବିସର୍ଜନ କରୁଛନ୍ତି।



ମୂର୍ତ୍ତି ଓ ପୂଜା ବର୍ଜ୍ୟରେ ଭର୍ତ୍ତି କୁଆଖାଇ ନଦୀ। (ଫଟୋ– ବିକାଶ ନାୟକ)

# ଅସ୍ଥାୟୀ ପୋଖରୀରେ ପାଣି ନାହିଁ, ନଦୀରେ ବିସର୍ଜନ

**ଭୁବନେଶ୍ୱର, ୯।୯(ବନ୍ଦନା ସେଠୀ)**

ମୂର୍ତ୍ତି ଓ ପୂଜା ଆବର୍ଜନା ଲାଗି ରାଜଧାନୀରେ ପ୍ରବାହିତ ନଦୀ ପ୍ରଦୂଷଣ ହେଉଛି। ଏହାକୁ ରୋକିବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଟକଣା ଲଗାଇବା ସହ ଏହି ସମସ୍ୟାର ସମାଧାନ ଲାଗି ଅସ୍ଥାୟୀ ପୋଖରୀ କରିଛି। ଏଥିସହ ଘରୋଇ ଭାବେ ପୂଜା ପାଇଥିବା ଛୋଟ ମୂର୍ତ୍ତିକୁ ବିସର୍ଜନ କରି ନ ପାରିଲେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ହସ୍ତାନ୍ତର କରିବାକୁ କୁହାଯାଇଛି। ହେଲେ ଲୋକେ କଟକଣା ନ ମାନି ଗଣେଶ ମୂର୍ତ୍ତିକୁ ନଦୀରେ ବିସର୍ଜନ କରିବା ସହ ପୂଜା ବର୍ଜ୍ୟକୁ ମଧ୍ୟ ପାଣିରେ ପକାଇଛନ୍ତି। ଫଳରେ ଅଳ୍ପ ପାଣି ପ୍ରବାହିତ ହେଉଥିବା କୁଆଖାଇ ଓ ଦୟା ନଦୀ ଏବେ ଏସବୁ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି। ତେବେ ଏଥିପାଇଁ ଲୋକେ ବିଏମ୍‌ସିକୁ ଦାୟୀ କରିଛନ୍ତି। ନିର୍ମିତ ଅସ୍ଥାୟୀ ପୋଖରୀରେ ପାଣି ନ ଥିବାରୁ ବାଧହୋଇ ନଦୀରେ ଠାକୁର ବିସର୍ଜନ କରିଥିବା କହୁଛନ୍ତି। କାଦୁଅ ମିଶା ଗୋଳିଆ ପାଣିରେ ପ୍ରଭୁଙ୍କୁ ବିସର୍ଜନ କେମିତି କରିବୁ ବୋଲି ପ୍ରଶ୍ନ କରିଛନ୍ତି। ଆନନ୍ଦ, ଉଲ୍ଲାସରେ ଶନିବାର ପ୍ରଭୁ ଗଜାନନଙ୍କ ପୂଜା ସରିଲା। ପୂଜାପରେ ରବିବାରଠାରୁ ଶ୍ରଦ୍ଧାଳୁ ଓ ଆୟୋଜକମାନେ ଠାକୁରଙ୍କୁ ମେଲାଣି ଦେଉଛନ୍ତି। ଢୋଲ, ଘଣ୍ଟର ତାଳେତାଳେ ବସର୍ଜିତ ଠାକୁରଙ୍କ ମୃଣ୍ମୟମୂର୍ତ୍ତିକୁ ନେଇ ନଦୀ ଓ ଜଳାଶୟରେ ବିସର୍ଜନ କରୁଛନ୍ତି। ଅଧିକାଂଶ କୁଆଖାଇ, ଦୟା ଓ ଭାର୍ଗବୀ ନଦୀରେ ମୂର୍ତ୍ତି ବିସର୍ଜନ କରୁଥିବା ଦେଖିବାକୁ ମିଳିଛି। ମାତ୍ର କୁଆଖାଇ ବ୍ରିଜ୍, ଦୟା ବ୍ରିଜ୍ ଓ ଟଙ୍କପାଣି ବ୍ରିଜ୍ ନିକଟରେ ବିଏମ୍‌ସି ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀକୁ ଯିବାକୁ ମଙ୍ଗୁ ନାହାନ୍ତି। ପୁଣି ନଦୀରେ ମୂର୍ତ୍ତି ବିସର୍ଜନ ସମୟରେ ସେମାନଙ୍କୁ ବାରଣ ବା ସଚେତନ କରିବାକୁ କେହି ନାହାନ୍ତି। ବିଏମ୍‌ସି କେବଳ ଏସ୍‌ଓପି ଜାରି



କରିବା ସହ ଅସ୍ଥାୟୀ ପୋଖରୀ କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଛି। ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା କି ନାହିଁ, ଲୋକମାନେ କିଭଳି ସଚେତନ ହେବେ ସେ ନେଇ କୌଣସି ପଦକ୍ଷେପ ନେଉନାହିଁ। ସେହିପରି ବିଏମ୍‌ସିର ଖାମ୍‌ଖିଆଲି ନୀତି ପାଇଁ ଅସ୍ଥାୟୀ ପୋଖରୀ ନେଇ ଠିକ୍ ଭାବେ ପ୍ରଚାର ପ୍ରସାର ହୋଇପାରିଲା ନାହିଁ। ଲୋକଙ୍କୁ ଯେଉଁଠି ସୁବିଧା ହେଉଛି ସେମାନେ ସେଠାରେ ମୂର୍ତ୍ତି ବିସର୍ଜନ କରି ଚାଲି ଆସୁଛନ୍ତି। ପୂଜା ପାଇଁ ଅନୁମତି ନେଇଥିବା ପ୍ରାୟ ୩୫୦ ଅନୁଷ୍ଠାନକୁ

- ବ୍ରିଜ୍ ଉପରୁ ନଦୀକୁ ଫିଙ୍ଗିଲେ ମୂର୍ତ୍ତି, ପୂଜା ବର୍ଜ୍ୟ
- ଘଟଣାସ୍ଥଳରେ ନ ଥିଲେ ବିଏମ୍‌ସି କର୍ମଚାରୀ

ଛାଡିଦେଲେ ବିଭିନ୍ନ ଅନୁଷ୍ଠାନ, ଘରୋଇ ଭାବେ ପୂଜା ପାଇଥିବା ଶହଶହ ମୂର୍ତ୍ତିକୁ ନଦୀରେ ବିସର୍ଜନ କରାଯାଇଛି। ଏପିରିକି ବିସର୍ଜନ ସମୟରେ ଠାକୁରଙ୍କ ବେକରୁ ଫୁଲମାଳ ସହିତ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ମଧ୍ୟ କଢାଯାଉ ନାହିଁ। କେବଳ ନଦୀନୁହେଁ, ରାଜଧାନୀରେ ଥିବା ବିଭିନ୍ନ ପୋଖରୀ ଓ ଜଳାଶୟରେ ସିଧାସଳଖ ମୂର୍ତ୍ତି ବିସର୍ଜନ କରୁଥିବା ଦେଖାଯାଇଛି। ଏହାଦ୍ୱାରା ମୂର୍ତ୍ତିରୁ ବାହାରୁଥିବା କେମିକାଲ, ରଙ୍ଗ ଏବଂ ଅନ୍ୟାନ୍ୟ ଅବର୍ଜନା ଜଳାଶୟର ଜଳରେ ମିଶି ଜଳକୁ ପ୍ରଦୂଷିତ କରୁଛି। ଅପରପକ୍ଷେ ଏଭଳି ଘଟଣାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଶହଶହ କେମିକାଲଯୁକ୍ତ ମୂର୍ତ୍ତି ନଦୀ ପାଣିରେ ମିଶିବା ଫଳରେ ନଦୀ ପ୍ରଦୂଷିତ ହେଉଛି, ଯାହାକି ଆମର ଭବିଷ୍ୟତ ପାଇଁ ଚିନ୍ତାଜନକ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ ସଫେଇ ଦେଇ କହିଛନ୍ତି, ବିଏମ୍‌ସି ମୂର୍ତ୍ତି ବିସର୍ଜନ ପାଇଁ ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି। ମାତ୍ର ଲୋକମାନେ ବୁଝିବାକୁ ନାରାଜ୍। ସବୁକିଛି ବିଏମ୍‌ସି ଉପରେ ଛାଡି ଦେଲେ ତ ହେବନାହିଁ ଲୋକମାନେ ନିଜେ ମଧ୍ୟ ସଚେତନ ହେବା ଦରକାର। ପୁଣି ଏହା ଲୋକଙ୍କ ଆସ୍ଥା, ବିଶ୍ୱାସର କଥା ହୋଇଥିବାରୁ ଅମାନିଆଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ। ତେବେ ନାଗରିକମାନେ ନିଜ ଦାୟିତ୍ୱ ବୁଝିବା ଦରକାର ବୋଲି କମିଶନର କହିଛନ୍ତି।

## ଦାରୁଠେଙ୍ଗ ମହିମା ଗାଦିରେ ଝାଡ଼ଦୀପ ପ୍ରଜ୍ୱଳନ



**ବାରଙ୍ଗ,୯।୯(ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ସତ୍ୟମହିମା ଗୋବିନ୍ଦବାବାଙ୍କ ଗାଦିପୀଠରେ ସୋମବାର ଅପରାହ୍ନରେ ସାଧୁଭୋଜନ, ଘୃତବତୀ ପ୍ରଜ୍ୱଳନ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସାୟଂ ସରଣ ଦର୍ଶନ, ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ସମବେତ ପ୍ରାର୍ଥନା ଓ ଧର୍ମ ଆଲୋଚନା ହୋଇଥିଲା। ସାଧୁସନ୍ଥମାନେ ଅହୋରାତ୍ର ଭଜନ ଗାୟନରେ ମଜି ଯାଇଥିଲେ। ସିଦ୍ଧ ସାଧୁ ବ୍ରହ୍ମ ଲୀନଅବଧୁତ ଜୟକୃଷ୍ଣବାବା ମହୋଦୟଙ୍କ ଆଦେଶ ଅନୁସାରେ ଏବଂ ବ୍ରହ୍ମଅବଧୁତ ବ୍ରଜବନ୍ଧୁ ବାବାଙ୍କ ତତ୍ତ୍ୱାବଧାନରେ ଦାରୁଠେଙ୍ଗ ଗୋବିନ୍ଦ ବାବା ଗାଦିପୀଠରେ ଝାଡ଼ଦ୍ୱୀପ ଲଗାଯାଇଥିଲା। ଦାରୁଠେଙ୍ଗ, ଅଳସୁଆ, ଅନ୍ଧାରୁଆ, ଚନ୍ଦକା, ବଡମ୍ବା ଆଦି ଅଞ୍ଚଳରୁ ଭକ୍ତମାନେ ସାମିଲ ହୋଇ ଆହୋରାତ୍ର ଭଜନଗାନ କରିଥିଲେ। ବ୍ରହ୍ମଅବଧୁତ ନକୁଳବାବା, କୈଳାଶ ବାବା, ସୂର୍ଯ୍ୟମୁଖୀ ବାବା, ବିକ୍ରମ ବାବା, ଲମ୍ବୋଦର ବାବା, ପ୍ରମୋଦ ବାବା, ସାଧୁ ସୁଧାକାର ଦାସ, ସାଧୁ କ୍ଷମା ଦାସ, ସାଧୁ ଚୈତନ୍ୟ ଦାସ, ସାଧୁ ହରମୋହନ ଦାସ, ସାଧୁ ହୃଷିକେଶ ଦାସ, ସାଧୁ ତିରୁପତି ଦାସ, ସାଧୁ ଅନାଦି ଦାସ, ସାଧୁ ବଳଭଦ୍ର ଦାସ, ସାଧୁ ଚନ୍ଦନ ଦାସ, ସାଧୁ କିଶୋର ଦାସ, ସାଧୁ ସତ୍ୟବୈରାଗି ଦାସ ପ୍ରମୁଖ ଉପସ୍ଥିତ ରହି ଶୂନ୍ୟ ପ୍ରଭୁଙ୍କ ନିମିତ୍ତ ଅଖଣ୍ଡ ଝାଡ଼ବତୀ ପ୍ରଜ୍ୱଳନ କରିଥିଲେ। ବିଶ୍ୱକଲ୍ୟାଣ ପାଇଁ ମଙ୍ଗଳ ପ୍ରାର୍ଥନା କରିଥିଲେ।

## ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ୬ ମାସ ଜେଲଦଣ୍ଡ

### ପୋଲିସ କର୍ମଚାରୀଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲେ

ଭୁବନେଶ୍ୱର,୯।୯(ସୂର୍ଯ୍ୟକାନ୍ତ ବେହେରା)– ଜଣେ ପୋଲିସ କର୍ମଚାରୀଙ୍କୁ ଧକ୍କା ମାରି ଅଭିଯୁକ୍ତ ଫେରାର ହେବା ମାମଲାରେ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ –୧ରେ ରାୟ ପ୍ରକାଶ ପାଇଛି। ବିଚାରପତି ମୋନାଲିସା ଦାଶ ମାମଲାର ବିଚାର କରି ଅଭିଯୁକ୍ତ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ୭ଜଣ ସାକ୍ଷୀ ଓ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଘଟଣାର ବିବରଣୀ ଅନୁଯାୟୀ, ଚଳିତବର୍ଷ ମାର୍ଚ୍ଚ ୧୯ରେ ଏକ ମାମଲାରେ ଅଭିଯୁକ୍ତ ଇନ୍ଦ୍ରମଣି ବେହେରା ଓ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ତମାଣ୍ଡୋ ଥାନା ପୋଲିସ କୋର୍ଟଚାଲାଣ ନିମନ୍ତେ ଥାନା ଗାଡ଼ିରେ ବସାଉଥିଲା। ଏହି ସମୟରେ ଅଭିଯୁକ୍ତ ଚନ୍ଦ୍ର ଶେଖର ଜଣେ ପୋଲିସ କର୍ମଚାରୀ ସୁଶାନ୍ତ କୁମାର କହଁରଙ୍କୁ ଶକ୍ତ ଧକ୍କା ପକାଇ ଫେରାର ହୋଇଯାଇଥିଲେ। ସୁଶାନ୍ତ ଅନ୍ୟ ଜଣେ ପୋଲିସ କର୍ମଚାରୀଙ୍କ ସହ ମିଶି ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ପିଛା କରି କାଶୀପୁର ଖେଳପଡ଼ିଆ ନିକଟରୁ କାବୁ କରିଥିଲେ। ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ଏହା ପୂର୍ବରୁ ଅନ୍ୟ ଏକ ମାମଲାରେ ମଧ୍ୟ ସଜା ହୋଇସାରିଛି । ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ବିଜୟ ବାରିକ ଏବଂ ବିଜନ ବିହାରୀ କର ପ୍ରମୁଖ ପରିଚାଳନା କରିଥିଲେ।

## ଓଲଟିଲା କ୍ଷୀର ବୋଝେଇ ଗାଡ଼ି

**ବାରଙ୍ଗ,୯।୯(ଲିଙ୍ଗରାଜ ରାଉତ)**



ଷଣ୍ଢପୁର ଗ୍ରାମ ନିକଟରେ ସୋମବାର ଭୋର୍ ସମୟରେ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼କୁ ଭାରସାମ୍ୟ ହରାଇ ଏକ ଓମ୍‌ଫେଡର କ୍ଷୀର ଗାଡ଼ି ଓଲଟି ପଡ଼ିଛି। ଏଥିରେ ଚାଳକ ଓ ହେଲ୍‌ପର ସାମାନ୍ୟ ଆହତ ହୋଇଥିବାବେଳେ ସେମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରିଛି। ପ୍ରକାଶ ଯେ, ଓମ୍‌ଫେଡ କ୍ଷୀର ଗାଡ଼ି(ଓଆର୍ ୦୧ ସି ୧୯୪୯)ଟି ବିଦ୍ୟାଧରପୁର ପାହାଡ଼ ଉପର ଓମ୍‌ଫେଡ ପ୍ଲାଣ୍ଟରୁ କ୍ଷୀର ନେଇ ବାରଙ୍ଗ ଆଡ଼କୁ ଦ୍ରୁତ ଗତିରେ ଆସୁଥିଲାବେଳେ ପୁରୀ ମୁଖ୍ୟ କେନାଲ ରାସ୍ତାର ଷଣ୍ଢପୁର ଗ୍ରାମ ନିକଟରେ ହଠାତ୍ ଏକ ଷଣ୍ଢ ରାସ୍ତା ଉପରକୁ ପଳାଇ ଆସିଥିଲା। ତାକୁ ବଞ୍ଚାଇବାକୁ ଯାଇ କ୍ଷୀର ଗାଡ଼ିଟି ଭାରସାମ୍ୟ ହରାଇ କେନାଲ ବନ୍ଧ କଡ଼କୁ ଖସିପଡ଼ିଥିଲା।

## ଜନସେବା କେନ୍ଦ୍ରରେ ଭଙ୍ଗାରୁଜା, କର୍ମଚାରୀଙ୍କୁ ମାଡ଼

**ଭୁବନେଶ୍ୱର,୯।୯(ସୂର୍ଯ୍ୟକାନ୍ତ ବେହେରା)**

ଜନସେବା କେନ୍ଦ୍ରରେ ପଶି ଜିନିଷ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତଙ୍କ ଆତଙ୍କରାଜରେ ଜନସେବା କେନ୍ଦ୍ରର ଜଣେ କର୍ମଚାରୀ ଆହତ ହୋଇଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ସୂଚନାନୁସାରେ, ଜଣେ ମହିଳା ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଥିବା ଏକ ଜନସେବା ସେଣ୍ଟରକୁ ଆସିଥିଲେ। ସର୍ଭର ଡାଉନ ଥିବାରୁ ସେଠାରେ ଥିବା କର୍ମଚାରୀ ଉକ୍ତ ମହିଳାଙ୍କୁ ଟୋଲ ଫ୍ରି' ନମ୍ବରକୁ କଲ୍ କରି ଷ୍ଟାଟସ ବୁଝିବାକୁ କହିଥିଲେ। କିନ୍ତୁ ଏତିକିରେ ମହିଳା ଜଣଙ୍କ ତାଙ୍କ ପୁଅକୁ ଖବର ଦେଇଥିଲେ। ଏହାର କିଛି ସମୟ ପରେ ମହିଳାଙ୍କ ପୁଅ ଜଣେ ସହଯୋଗୀଙ୍କ ଜରିଆରେ ଜନସେବା ସେଣ୍ଟରରେ ପଶି ଲାପ୍‌ଟପ, ଲାଇଟ, ଚେୟାର ଆଦି ସାମଗ୍ରୀ ଭାଙ୍ଗିବା ସହ ଜଣେ କର୍ମଚାରୀଙ୍କୁ ମୁଥ ମାରି ଆହତ କରିଥିଲେ। ଫଳରେ ଉପସ୍ଥିତ କର୍ମଚାରୀ ବିରୋଧ କରିବାରୁ ଆକ୍ରମଣକାରୀ ନାନା ଧମକ ଦେଇ ଫେରାର ହୋଇଯାଇଥିଲେ।

## ହଜିଲା ସ୍ମୃତିକୁ ଖୋଜିବା ଚାଲ

### ରୟାଲ ପବ୍ଲିକ ସ୍କୁଲରେ ଜେଜେବାପା ଓ ଜେଜେମା ଦିବସ

**ଭୁବନେଶ୍ୱର,୯।୯:(ଅଭୟ ଦାଶ)**




ଭୁବନେଶ୍ୱର କେଶୁରା ନିକଟ ରୟାଲ ପବ୍ଲିକ ସ୍କୁଲ ପରିସରରେ ଜେଜେବାପା ଓ ଜେଜେମା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍କୁଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହଜିଲା ସ୍ମୃତିକୁ ଖୋଜିବା ଚାଲ'ର ଆୟୋଜନ କରାଯାଇଥିଲା। ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟସ୍ତରରେ ଏଭଳି କାର୍ଯ୍ୟକ୍ରମର ଉପାଦେୟତା ଏବଂ ଆବଶ୍ୟକତା ସମ୍ପର୍କରେ ସେ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ସ୍ୱାଗତ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ୩୦୦ରୁ ଅଧିକ ଜେଜେବାପା ଓ ଜେଜେମାଙ୍କୁ ପୂଜାର୍ଚ୍ଚନା ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶତାୟୁ କେଳୁଚରଣ ରାଉତଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ୍ ଡ.ବିଷ୍ଣୁମୋହନ ମହାନ୍ତି ମୁକୁଟ ପ୍ରଦାନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଭାଇସ୍ ଚେୟାରମ୍ୟାନ ମିଳନ୍ ମହାନ୍ତି, ମ୍ୟାନେଜର ତଥା ଉପସଭାପତି କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଜ୍ଞା ପରମିତା ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିଜ ନାତିନାତୁଣୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଜେଜେବାପା ଓ ଜେଜେମାମାନେ ବେଶ୍ ଉତ୍ସାହିତ ହୋଇପଡିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ହୁଳହୁଳି, ଶଙ୍ଖଫୁଙ୍କା, କାନ୍ଦଣା ପ୍ରତିଯୋଗିତା, ସମ୍ବଲପୁରୀ ନୃତ୍ୟ ସମେତ ବିଭିନ୍ନ ପ୍ରକାରର ଖେଳରେ ସେମାନ ଅଂଶଗ୍ରହଣ କରି ଏକ ଭିନ୍ନ ଧରଣର ପରିବେଶ ସୃଷ୍ଟି କରିଥିଲେ। ବଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କମଚାରୀଙ୍କ ସହଯୋଗ ଏବଂ ବରିଷ୍ଠ ଶିକ୍ଷକ ନଳିନୀକାନ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ସରଳ ଦାସଙ୍କ ସମ୍ପାଦିତ ୨ ପୁସ୍ତକର ପାଠକାର୍ପିତ

**ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ସରଳ ଦାସଙ୍କ ସମ୍ପାଦିତ 'ପାଠକଙ୍କ ଦ୍ୱାରା ନିର୍ବାଚିତ ଶ୍ରେଷ୍ଠ ଓଡିଆ ଗଳ୍ପ ୨୦୨୨' ଏବଂ 'ଓଡ଼ିଆ ପ୍ରକାଶନ ୨୦୨୩' ପୁସ୍ତକ ଦ୍ୱୟର ପାଠକାର୍ପଣ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛିଦ୍। ମନୋରଞ୍ଜନ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଡ. ଅର୍ଚ୍ଚନା ନାୟକ ଯୋଗଦେଇଥିଲେ। ଏହି ଅବସରରେ ଗତ ବର୍ଷର 'ଜୟନ୍ତରାଣୀ ସ୍ମୃତି ଶ୍ରେଷ୍ଠ ପାଠକ ପୁରସ୍କାର'ର ବିଜେତା ସୁମିତା ବେହେରା, ମଦନ ମୋହନ ମହାକୁଡ଼ ଓ ଜନ୍ମେଜୟଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ଦାସ ପାଠକଙ୍କ ଦ୍ୱାରା ନିର୍ବାଚିତ ହୋଇ ସଂକଳନରେ ସ୍ଥାନ ପାଇଥିବା ଗପଗୁଡ଼ିକର ଚୟନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ଛନ୍ଦା ମିଶ୍ର ସଭା ସଞ୍ଚାଳନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଘ୍ନେଶ୍ୱର ସାହୁ।

## ଡିସିପିଙ୍କୁ ଭେଟିଲେ ସୁନୀତି

**ଲକ୍ଷ୍ମୀସାଗର ପୋଲିସ ତାଙ୍କ ଅଭିଯୋଗ ପଞ୍ଜୀକୃତ କରୁ ନ ଥିବା ଅଭିଯୋଗ**

**ଭୁବନେଶ୍ୱର,୯।୯(ସତ୍ୟଜିତ୍ ରାଉତ)**

ଭାଜପାରୁ ନିଲମ୍ବିତ ହୋଇଥିବା ସୁନୀତି ମୁଣ୍ଡ ସୋମବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟିଛନ୍ତି। ଲକ୍ଷ୍ମୀସାଗର ଥାନାରେ ସେପ୍ଟେମ୍ବର ୩ରେ ଭଣ୍ଡାରୀପୋଖରୀ ଭାଜପା ବିଧାୟକ ପ୍ରାର୍ଥୀ ସୁଧାଂଶୁ ଶେଖର ନାୟକଙ୍କ ବିରୋଧରେ ସେ ଦେଇଥିବା ଅଭିଯୋଗ ପଞ୍ଜୀକୃତ କରାଯାଉନାହିଁ। ଏହି ଏତଲାକୁ ପଞ୍ଜୀକୃତ କରାଯାଇ ତାଙ୍କୁ ନ୍ୟାୟ ଦିଆଯାଉ ବୋଲି ଡିସିପିଙ୍କୁ ଦାବି କରିଛନ୍ତି। ଡିସିପି ତାଙ୍କ ଅଭିଯୋଗ ଶୁଣି ଏହି ଘଟଣାରେ ତଦନ୍ତ ପ୍ରକ୍ରିୟା ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ସୁନୀତି କହିଛନ୍ତି।

ଅଭିଯୋଗକାରିଣୀ ସୁନୀତି କହିଛନ୍ତି, ଗତ ଦୁଇମାସ ହେଲା ସୁଧାଂଶୁ ତାଙ୍କୁ ଧମକ ଦେଇ ୨୦ଲକ୍ଷ ଟଙ୍କା ମାଗି ବ୍ଲାକମେଲ୍ କରିଛନ୍ତି। ଏହି ଟଙ୍କା ନ ଦେଲେ ତାଙ୍କ ରାଜନୈତିକ ଜୀବନ ବରବାଦ କରିଦେବେ ବୋଲି ମଧ୍ୟ ଧମକ୍ ଦେଇଥିଲେ। ସତକୁ ସତ ତାଙ୍କ ନାଁରେ ମିଛ ଏଫ୍‌ଆଇଆର୍ ଦେଇ ଦଳରୁ ନିଲମ୍ବିତ କରାଇ ସେ ସଫଳ ହୋଇଗଲେ। ସେ ଦଳର ଟଙ୍କା ହେରଫେର କରିନାହାନ୍ତି ବୋଲି ସୁନୀତି ଦୃଢ଼ତାର ସହ କହିଛନ୍ତି। ସୁନୀତି ଆହୁରି ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ କାମ ପାଇଁ ତାଙ୍କ ସଂସ୍ଥା 'ଦକ୍ଷ କମ୍ୟୁନିକେଶନ୍'କୁ ସୁଧାଂଶୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଇଲେକ୍ସନ କ୍ୟାମ୍ପେନିଂ ଏବଂ ବିଭିନ୍ନ ପ୍ରକାର ନିର୍ବାଚନ ପରିଚାଳନାର ୨ ଦିନ ପାଇଁ ସୁଧାଂଶୁ ଏହି ଟଙ୍କା ତାଙ୍କୁ ଦେଇଥିଲେ। ହେଲେ ଅନ୍ୟ ଜଣେ ଲୋକଙ୍କୁ ସେ ସୁଧାଂଶୁଙ୍କ ସହ ପରିଚୟ କରାଇଥିବାରୁ ମିଛରେ ଆଉ ୧୦ ଲକ୍ଷ ଟଙ୍କା ଏଥିରେ ଯୋଡ଼ାଯାଇ ମିଛ ଅଭିଯୋଗ କରାଯାଇଛି। ନିର୍ବାଚନ ହାରିବା ପରେ ସୁଧାଂଶୁ ୨୦ ଲକ୍ଷ ଟଙ୍କା ତାଙ୍କୁ ମାଗିଲେ, ନ ଦେଲେ ରାଜନୈତିକ ଭବିଷ୍ୟତ ନଷ୍ଟ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ସେ ବହୁ ମାନସିକ ଚାପରେ ଥିବା ସୁନୀତି କହିଛନ୍ତି। ସୁନୀତିଙ୍କ ଅଭିଯୋଗ ସଂକ୍ରାନ୍ତରେ ସୁଧାଂଶୁ କହିଛନ୍ତି, ପୋଲିସ ଏସଂକ୍ରାନ୍ତରେ ତଦନ୍ତ କରିବ। ଯଦି ସୁନୀତିଙ୍କ ଅଭିଯୋଗର ସତ୍ୟତା ଥାଏ ମୋ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ମୁଁ କାହିଁକି ନିଜକୁ ଭଲ କିମ୍ବା ଅପରାଧୀ ନୁହେଁ ବୋଲି କହିବି ବୋଲି ସୁଧାଂଶୁ କହିଛନ୍ତି।

# ଜଟଣୀର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଜାନନ


ହାଟବଜାର ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ଗୋଲେଇ ଓ ନ୍ୟୁ ମାର୍କେଟ ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ନାଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ।


ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ।


କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ଶ୍ରୀଜଗନ୍ନାଥ ବଜାର ବ୍ୟବସାୟୀ ସଂଘ ପୂଜା ମଣ୍ଡପ।

# ଗଣେଶପୂଜା ମଣ୍ଡପରେ ସଚେତନତା ବାର୍ତ୍ତା



ବାଲୁକାକଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଉଛି।

**ଟାଙ୍ଗୀ,୯।୯(ରଘୁନାଥ ସାହୁ)**

ଚାନ୍ଦପୁରରେ ଗଣେଶ ପୂଜା ଧୁମଧାମରେ ପାଳନ କରାଯାଉଛି। ମୁଖ୍ୟ ବଜାରର ଦୁଇ ପାର୍ଶ୍ୱରେ ୨୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ପୂଜା ମଣ୍ଡପରେ ଶ୍ରୀଗଣେଶ ପୂଜା ପାଉଛନ୍ତି। ବଜାର କମିଟି, ବିଭିନ୍ନ ସାମାଜିକ ସଙ୍ଗଠନର ସଦସ୍ୟମାନେ ପ୍ରତିଦିନ ମଣ୍ଡପକୁ ସଜାଇ ନୂତନତ୍ୱ ଦେଉଥିବା ଦେଖାଯାଉଛି। ସୁପର ସଣ୍ଡେ ସୋସିଆଲ କ୍ଲବ ବାଲୁକା କଳାକୃତି ମାଧ୍ୟମରେ ବିଭିନ୍ନ ବାର୍ତ୍ତା ଦେଉଛନ୍ତି। ପ୍ରଥମ ଦିବସରେ ନିଶା ନିବାରଣ, ଦ୍ୱିତୀୟ ଦିବସରେ ଚାରାରୋପଣ ଏବଂ ତୃତୀୟ ଦିବସରେ ରକ୍ତଦାନ ମହତ୍ ଦାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବାଲି ମାଧ୍ୟମରେ ସୁନ୍ଦର ଚିତ୍ର ପ୍ରଦର୍ଶିତ କରୁଥିବା ଜଣାପଡିଛି। ରବୀନ୍ଦ୍ର କୁମାର ନାୟକ, ବିଶ୍ୱଜିତ ସାହୁ, ବିଜୟ କୁମାର ନାୟକ, ଦୀପକ ରୋଶନ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ଗଣେଶପୂଜା ମଣ୍ଡପରେ ବାଦୀପାଲା

**ନିରାକାରପୁର,୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ବଣିକ ସଂଘ ପକ୍ଷରୁ ଗଣେଶପୂଜା ଉପଲକ୍ଷେ ବଡ଼ବଜାରସ୍ଥିତ ଗଣେଶ ପୂଜା ମଣ୍ଡପରେ ପାରମ୍ପରିକ ବାଦୀପାଲା ହେଉଛି। ନୟାଗଡ଼ ଜିଲା କଳାପଥର ଅଞ୍ଚଳର ପାଲା ଗାୟକ ଜ୍ଞାନ ଗୌରବ ଲକ୍ଷ୍ମୀଧର ପଣ୍ଡା ଏବଂ ପୁରୀ ଜିଲା ପିପିଲି ଅଞ୍ଚଳର ଗାୟକ ଶରତ ଚନ୍ଦ୍ର ଦାଶ ଓ ସାଥୀ ପାଲା ପରିବେଷଣ କରୁଛନ୍ତି। ପାଲା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି। ବଡ଼ବଜାର ପୂଜା କମିଟିର ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ, ସଦସ୍ୟ ଆନନ୍ଦ ବାଘସିଂହ, ଦଣ୍ଡପାଣି ବଳିୟାରସିଂହ, ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ‘ନୂତନପିଢ଼ିକୁ ସୁଯୋଗ ଦେଇଥାଏ ମହୋତ୍ସବ’

**ବେଗୁନିଆ,୯।୯(ସନ୍ଧ୍ୟାରାଣୀ ମିଶ୍ର)**


ଗଣେଶ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମଠାରେ ଅନୁଷ୍ଠିତ ୩୬ତମ ଗଣେଶ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ସମିତିସଭ୍ୟ ଅଜୟ ମହାପାତ୍ର, ଶିକ୍ଷାପ୍ରେମୀ ରାଜ କିଶୋର ପାଣିଗ୍ରାହୀ, ଜିଲା ଶିକ୍ଷା ବିକାଶ ସମିତି ପୂର୍ବ ସମ୍ପାଗ ସଭାପତି କୁଳମଣି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂତନପିଢ଼ିକୁ ସୁଯୋଗ ଦେଇଥାଏ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା କଳା ସଂସ୍କୃତି ଓ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ରଙ୍ଗଶାଳା

**ସରିଲା କଣ୍ଟାବାଡ଼ ଶ୍ରୀଗଣେଶ ମହୋତ୍ସବ**

ପୁରୀ, ବଲାଙ୍ଗୀର ସରସ୍ୱତୀ କଳାକେନ୍ଦ୍ର, କଟକ ଅଙ୍ଗାରଙ୍ଗା ଓ ବଡ଼ବେରଣା ମା’କାଳିକା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ କୁଳମଣି ମିଶ୍ର, ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା ଓ ସମାଜସେବୀ ସୋମ ନାରାୟଣ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ବାଦିକତା ବୃତ୍ତିରେ ଲୋହିତ ନାରାୟଣ ମହାପାତ୍ର, ସିନେକଳାକାର ଚୌଧୁରୀ ଜୟ ପ୍ରକାଶ ଦାସ, ରବି ନାରାୟଣ ମିଶ୍ର, ଉପସ୍ଥାପକ ଅଭିଷେକ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶୀକା ଭାନୁମତୀ ସାହୁ, ମେଧାବୀ ଛାତ୍ର ଜଗଦୀଶ ମହାପାତ୍ର ଓ ବିଦ୍ୟାଶ୍ରୀ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୂର୍ଯ୍ୟ ନାରାୟଣ ଓଝା ମଞ୍ଚ ପରିଚାଳନା କରିଥିଲେ।


ଖୋର୍ଦ୍ଧା ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଗଣପତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଆକର୍ଷଣୀୟ ତୋରଣ, ଆଲୋକରେ ଝଲସୁଛି ମଣ୍ଡପ

**ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)**

**ଖୋର୍ଦ୍ଧାରେ ୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ**



ଖୋର୍ଦ୍ଧା ସହରର ବିଭିନ୍ନ ପୂଜାମଣ୍ଡପରେ ଚାଲିଛି ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିବା ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି। ୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀଗଣେଶ। ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ପକ୍ଷରୁ ଦୀର୍ଘ ୩୧ବର୍ଷ ହେବ ଗଣେଶପୂଜା ହୋଇଆସୁଛି। ଚଳିତବର୍ଷ ୧୫ଫୁଟ ଉଚ୍ଚର ଗଜାନନ ପୂଜା ପାଉଛନ୍ତି। ଏଠାରେ ୪ଦିନ ବ୍ୟାପୀ ଗଣପତି ମହୋତ୍ସବ ଆୟୋଜନ ହୋଇଥାଏ। ଏଥିରେ ଗୋଟିପୁଅ, ଓଡ଼ିଶୀ, ସମ୍ବଲପୁରୀ, ଭାଙ୍ଗେଡା, ଆସାମ ବିହୁ ତଥା ଲୋକନୃତ୍ୟ ପରିବେଷଣ କରାଯାଇଥାଏ ବୋଲ କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ କହିଛନ୍ତି। ସେହିପରି ବାସେଳି ସାହି ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ୨୧ବର୍ଷ ଧରି ପୂଜା ହେଉଥିବା ବେଳେ ଚଳିତବର୍ଷ ୧୫ଫୁଟର ଶ୍ରୀଗଣେଶ ପୂଜା ପାଉଛନ୍ତି। ବିଭିନ୍ନ ଆଲୋକମାଳାରେ ମଣ୍ଡପର ଶୋଭାକୁ ଦ୍ୱିଗଣିତ କରୁଛି। ସପ୍ତଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ଚୁଡାଘଷା ଭୋଗ, ଅନ୍ନପ୍ରସାଦ ବ୍ୟବସ୍ଥା ରହିଥିବା କମିଟି ସଦସ୍ୟ ଉତ୍ପଳ ବେହେରା କହିଛନ୍ତି। ଗୋଡିପୋଖରୀ ସାହିଠାରେ ସାହିର ଯୁବକମାନେ ୮ବର୍ଷ ଧରି ପୂଜା ଆୟୋଜନ କରୁଛନ୍ତି। ୪ଦିନ ବ୍ୟାପୀ ପୂଜା ହେଉଥିବା ବେଳେ ୧୦ଫୁଟର ମୂର୍ତ୍ତି ସହିତ ରଙ୍ଗିନ ଆଲୋକମାଳାରେ ମଣ୍ଡପ ଝଲସୁଛି। ଭାଲିଆବାଡ଼ି ୟୁଥ କ୍ଲବ ପକ୍ଷରୁ ଦୀର୍ଘ ୨୧ବର୍ଷ ଧରି ପୂଜା ହୋଇଆସୁଥିବା ବେଳେ ଚଳିତବର୍ଷ ସିଂହାସନ ଉପରେ ବମ୍ବେ ଷ୍ଟାଇଲରେ ଶ୍ରୀଗଣେଶଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ସୁଉଚ୍ଚ ଲାଇଟ ଗେଟ୍ ଶୋଭାବର୍ଦ୍ଧନ କରୁଛି। ପଲ୍ଲା ଛକଠାରେ ମା’ ବରୁଣେଇ କ୍ଲବ ଆନୁକୂଲ୍ୟରେ ୧୬ବର୍ଷ ଧରି ପୂଜା ହୋଇଆସୁଥିବା ବେଳେ ଚଳିତବର୍ଷ ୧୦ଫୁଟର ଶ୍ରୀଗଣେଶ ପୂଜା ପାଉଛନ୍ତି। ସପ୍ତଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା କମିଟି ପକ୍ଷରୁ କୁହାଯାଇଛି। ଶାଗୁଆନ ବଗିଚା ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ୧୫ବର୍ଷ ଧରି ଗଣେଶପୂଜା ହୋଇଆସୁଛି। ବିଡିଏ କଲୋନୀ ଠାରେ ବାଲ୍ ଗଣେଶ ପୂଜା କମିଟି ୮ବର୍ଷ ଧରି ପୂଜା ହୋଇଆସୁଥିବା ବେଳେ ଏଥର ୧୨ଫୁଟର ଶ୍ରୀଗଣେଶ ପୂଜା ପାଉଛନ୍ତି। ଆକର୍ଷଣୀୟ ସାଜସଜ୍ଜା ସହ ସୁଉଚ୍ଚ ଲାଇଟ ଗେଟ, ରଙ୍ଗିନ ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ମଙ୍ଗଳାନଗର ଗଜାନନ ପୂଜା କମିଟି ଆନୁକୂଲ୍ୟରେ ୧୨ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ସହ ପାର୍ଶ୍ୱରେ ମା’ଲକ୍ଷ୍ମୀ ଓ ସରସ୍ୱତୀ ବିରାଜମାନ କରିଛନ୍ତି। ସେହିପରି ଶ୍ରୀରାମନଗର ସ୍ଥିତ ଯୁବକ ସଂଘ ଆନୁକୂଲ୍ୟରେ ଚଳିତବର୍ଷ ସୁନ୍ଦର ସାଜସଜ୍ଜା ସହ ୧୦ଫୁଟ ଉଚ୍ଚର ଶ୍ରୀଗଣେଶ ପୂଜା ପାଉଛନ୍ତି।

# ସଂପୁର ନୂଆଁଖାଇ ମହୋତ୍ସବ ଉଦ୍‌ଯାପିତ

**ବୋଲଗଡ଼,୯।୯(ଦେବବ୍ରତ ହୋତା)**


ନୂଆଁଖାଇ ମହୋତ୍ସବ ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଏବଂ ଅନ୍ୟମାନେ।

ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ନୂଆଁଖାଇ ମହୋତ୍ସବ ଭେଟ୍‌ଘାଟ୍-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ରବିବାର ନୂଆଁଖାଇ ପାଳନ ପାଇଁ ଗ୍ରାମର ସମସ୍ତ ପରିବାର ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ନୂତନ ବସ୍ତ୍ର ପରିଧାନ କରି ଏକତ୍ରିତ ହେବା ସହ ଠାକୁରଙ୍କ ନିକଟରେ ନବାନ୍ନ ଲାଗି ପରେ ପ୍ରସାଦ ଗ୍ରହଣ କରି ପରେ ଘରେ ସମସ୍ତ ସଦସ୍ୟ ମିଳିତଭାବେ ସେବନ କରିଥିଲେ। ତେବେ ସକାଳେ ମଞ୍ଚ ଉଦ୍‌ଘାଟନ ହେବା ପରେ ଗ୍ରାମାଞ୍ଚଳ କଳାକାରଙ୍କ ଦ୍ୱାରା ଦୁଆରି, ଭାଗବତ, ସଂକୀର୍ତ୍ତନ ଓ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ଅତିଥିଭାବେ ପ୍ରଫୁଲ୍ଲ ପ୍ରଧାନ, ଶୁଭେନ୍ଦୁ ସାହୁ ଯୋଗଦେଇଥିବା ବେଳେ ସମିତିସଭ୍ୟା ବିନୋଦିନୀ ଦତ୍ତ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ବ୍ୟଙ୍ଗ କଳାକାର ବ୍ରଜ ସୁବୁଦ୍ଧି, ମହୋତ୍ସବ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ମହାନ୍ତି, ପ୍ରମୋଦ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା କଳାକାରମାନେ ସମ୍ବଲପୁରୀ ନୃତ୍ୟ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନରେନ୍ଦ୍ର ସାହୁ, ବଳରାମ ରାୟଗୁରୁ , ନେତ୍ର ରଞ୍ଜନ ମିଶ୍ର, ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବିନାଶ ମହାନ୍ତି, ହର ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବ୍ରତ ଦାସ, ଶିଶିର ସାହୁ, ବସନ୍ତ ଦେଓ, ଏମ୍ ଆଲୋକ କୁମାର, ବିଦେଶୀ ବସନ୍ତରାୟ, ଅରୁଣ ସାହୁଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଶେଷରେ କମିଟି ଅଧ୍ୟକ୍ଷ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ମା’ଭଗବତୀଙ୍କ ପୀଠରେ ଷଷ୍ଠୀଓଷା

**ବାଣପୁର,୯।୯(ଦିଲୀପ କୁମାର ସ୍ୱାଇଁ)**



ବାଣପୁରସ୍ଥିତ ମା’ଭଗବତୀଙ୍କ ପୀଠରେ ଷଷ୍ଠୀ ଓଷା ପର୍ବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମା’ଙ୍କ ଅଙ୍ଗରାଗ ମାଜଣା ପରେ ବେଶ ହୋଇ ସକାଳର କୌଣସି ନୀତିକାନ୍ତି ହୋଇ ନ ଥିଲା। ମଧ୍ୟାହ୍ନରେ ମା’ଭଗବତୀଙ୍କ ଚଳନ୍ତି ପ୍ରତିମା ଯୁଦ୍ଧେଶ୍ୱରୀ ରଙ୍ଗବେରଙ୍ଗର ପାଟ ପତନି ସହିତ ବେଲପତ୍ର ମନ୍ଦାରମାଳ ପରିଧାନ କରି ନିଯୋଗୀ ସେବାୟତଙ୍କ ସହିତ ଘଣ୍ଟ, ଛତା, କାହାଳୀ, ବାଦ୍ୟରେ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ବାହାରି ବଡ଼ଦାଣ୍ଡରେ ଯାତ୍ରା କରି ନିଜ ମନ୍ଦିରକୁ ବିଜେ କରିଥିଲେ। ଯାତ୍ରା ସମୟରେ ମା’ଙ୍କର ବିଜେ କାହାଳୀ ଶବ୍ଦ ଶୁଣି ଗୃହିଣୀମାନେ ଶଙ୍ଖ ହୁଳହୁଳି ପକାଇ ଷଷ୍ଠୀଦେବୀଙ୍କୁ ପୂଜା ଆରାଧନା କରିବା ସହିତ ନୈବେଦ୍ୟ ଅର୍ପଣ ପୂର୍ବକ ପରିବାର ଏବଂ ସଂସାରର ମଙ୍ଗଳ କାମନା କରିଥିଲେ। ମା’କାଠି ଠାକୁରାଣୀ ମନ୍ଦିରରେ ବିଜେ କରିବା ପରେ ପୂଜକ ସାଆନ୍ତ, ପାଳିଆ ମାଳି ମା’ଙ୍କ ସମ୍ମୁଖରେ କୁମ୍ଭ, ସପ୍ତମୁଖୀ ଦୀପ ସ୍ଥାପନ ସହିତ ଛଅଟି ସରାରେ ନୈବେଦ୍ୟ (ବଲ୍ଲଭ, ନଡ଼ିଆ ପାତି ଆଦି) ଅର୍ପଣ କରି ମା’ଙ୍କୁ ଷଷ୍ଠୀ ଦେବୀ ଭାବେ ଆବାହନ କରି ଷଠିସୂତା ଲାଗି କରିବା ସହିତ ଷୋଡ଼ଷ ଉପଚାରରେ ପୂଜା ଓ ଆଳତି ବନ୍ଦାପନା କରି ସଂସାରର ମଙ୍ଗଳ କାମନା କରିଥିଲେ। ମା’ଙ୍କୁ ଷଷ୍ଠୀ ଦେବୀ ଭାବେ ଦର୍ଶନ କରି ଆଶୀର୍ବାଦ ଲାଭ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ମା’ଙ୍କ ନିକଟରେ ଶଙ୍କୁଡ଼ି ଧୂପରେ ଖିରି ଖେଚୁଡି, ମାଛ ମହୁର, ଆମ୍ବିଳ, ଶାଗମୁଗ, ଭଜା, ଏଣ୍ଡୁରି ଲାଗି ହୋଇ ଧୂପ ଆଳତି ବଢିଥିଲା। ମା’ଙ୍କ ପ୍ରତିଟି ସେବାୟତ ପରିବାରର ସମସ୍ତେ ଷଠିସୂତା ଧାରଣ କରି ଆଶୀର୍ବାଦ କାମନା କରିବା ସହିତ ପ୍ରସାଦ ସେବନ କରିଥିଲେ। ସୋମବାରଠାରୁ ମା’ଭଗବତୀଙ୍କ ପାର୍ବଣ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଲଳିତା ସପ୍ତମୀରେ ମା’ଙ୍କ ପାଣିତୋଳା ଯାତ୍ରା ସହିତ ଚିଲିକାରେ ନୌବିହାର କରି ଭଉଣୀ ମା’କାଳିଜାଇଙ୍କୁ ପାର୍ବଣ ପାଇଁ ନିମନ୍ତ୍ରଣ କରି ଆଜ୍ଞାମାଳ ନେଇ ଫେରିବା ପରେ ଦୁର୍ଗାଷ୍ଟମୀରୁ ଦେବୀ ଶୟନ କରିବେ। ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀଠାରୁ ମା’ଭଗବତୀଙ୍କ ଷୋଳ ପର୍ବ ଆରମ୍ଭ ହେବ। ମା’ଙ୍କ ଶୃଙ୍ଖଳିତ ଷଷ୍ଠୀ ଓଷା ପୂଜାନୀତି ପାଇଁ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।




୯।୯।୨୦୨୪

| ୪,୮୦,୯୧୫ ଟଙ୍କା | |
|---|---|
| ସୁନା | ୫ ମିଲିଗ୍ରାମ୍ |
| ରୁପା | ୩୩.୭୫୦ ଗ୍ରାମ୍ |

# ‘ରଘୁରାଜପୁରରେ ଗୋଟିପୁଅ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଉ’

- ଗୋଟିପୁଅ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
- ବିମୋହିତ କଲା ବିଭିନ୍ନ ନୃତ୍ୟ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ରଘୁରାଜପୁରରେ ଦଶମ ପଦ୍ମଶ୍ରୀ ଗୁରୁ ମାଗୁଣି ଦାସ ସ୍ମାରକୀ ଗୋଟିପୁଅ ଓ ଲୋକନୃତ୍ୟ ମହୋତ୍ସବ ଆୟୋଜିତ ହେଉଛି। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପ୍ରାୟୋଜିତ ପୁରୁଲିଆ ଛଉ ଓ ମୟୂରଭଞ୍ଜ ବଡ଼ଜାମ୍ଦନୀର ଛଉ, ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୁଳ ବ୍ରହ୍ମଗିରିର ଗୋଟିପୁଅ, ଦେବାଂଶୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱରର ଓଡ଼ିଶୀ, କଳିଙ୍ଗ ପାଇକ କ୍ରିଏଶନ୍ ଖୋର୍ଦ୍ଧା ଏବଂ ନୃତ୍ୟ ନିପୁଣା ଭୁବନେଶ୍ୱରର ସମ୍ବଲପୁରୀ ନୃତ୍ୟ ସଭିଙ୍କ ମନ ମୋହିଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଡ. ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ାଙ୍କ ପରିଚାଳନାରେ ଉତ୍ସବ ଆୟୋଜିତ ହୋଇଥିଲା। ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ, ଜିନ୍ଦଲ ଷ୍ଟିଲ ଆଣ୍ଡ ଏନର୍ଜିର ସଭାପତି ପ୍ରଶାନ୍ତ କୁମାର ହୋତା, ବିଶିଷ୍ଟ କଳାକାର ଦେବାଶିଷ ଶ୍ରୀଖୋଲ କୁଲ୍‌ଭି, ଗୋଟିପୁଅ ଗୁରୁ ନାରାୟଣ ଦାସ ଏବଂ ସାମାଜିକ କର୍ମୀ ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ ରଘୁରାଜପୁରରେ ଗୋଟିପୁଅ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ରଘୁନାଥପୁର ଗ୍ରାମର ରାସ୍ତା, ବିଦ୍ୟୁତ ଓ ଜଳ ସମସ୍ୟାର ସମାଧାନକୁ ସରକାର, ପ୍ରଶାସନ ଓ ବିଭିନ୍ନ ଉଦ୍ୟୋଗ ପ୍ରାଧାନ୍ୟ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କବି ତଥା ଉଦ୍‌ଘୋଷକ ଅଞ୍ଜନ ହୋତାଙ୍କୁ ଦଶଭୁଜା ସମ୍ମାନରେ ସମ୍ମାନିତ କରିଥିଲେ। ସମ୍ପାଦକ ସେବେନ୍ଦ୍ର ଦାସ, ଉତ୍ସବର ମୁଖ୍ୟ ସଂଯୋଜକ ବସନ୍ତ କୁମାର ପ୍ରଧାନ ଓ ସହସଂଯୋଜକ ବଟକୃଷ୍ଣ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅଞ୍ଜନ ହୋତା ସଂଯୋଜନା କରିଥିଲେ।


ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି ।

## ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)



ପବିତ୍ର ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥି ସୋମବାର ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ି ପାଣି ପଡ଼ିବା ପରେ ମହାଜନ ସେବକମାନେ ମଦନମୋହନଙ୍କୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ମଦନ ମୋହନଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ମଦନମୋହନଙ୍କୁ ନାଟ ମନ୍ଦିରରେ ଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ବିମ୍ବାସୁର ବେଶରେ ଜଣେ ବ୍ୟକ୍ତି ବେଶ ଧାରଣ କରି ସାହି ପରିକ୍ରମା କରି ଶ୍ରୀମନ୍ଦିରକୁ ଆସିଥିଲେ। ବିମ୍ବାସୁର ବଧ ନୀତି ସମ୍ପନ୍ନ କରାଯାଇଥିଲା। ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ଜନଶ୍ରୁତି ଅନୁଯାୟୀ ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମଙ୍କ ନିଧନ ନିମନ୍ତେ ବିମ୍ବାସୁର ନାମକ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। ତେବେ ଭଗବାନ ଶ୍ରୀକୃଷ୍ଣ ଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।


ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

## ସଂକ୍ଷେପରେ

### ମଲା କୁକୁଡ଼ା ପୋଡ଼ିବାକୁ ନେଇ ଗଣ୍ଡଗୋଳ

ବଳଙ୍ଗା,୯।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ପାର୍ବତୀପୁର ଗ୍ରାମରେ ଉଲ୍ଲାସ ଗୁରୁଙ୍କ ଜାଗାରେ ସେହି ଗ୍ରାମର ସହଦେବ ବେହେରାଙ୍କ ଦୁଇପୁଅ ତାଙ୍କ ଫାର୍ମର ମଲା କୁକୁଡ଼ାକୁ ଜୋର୍‌ଜବରଦସ୍ତ ପୋଡ଼ିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଉଲ୍ଲାସ ଗୁରୁଙ୍କ ଅଭିଯୋଗ ଅନୁଯାୟୀ ବଳଙ୍ଗା ଅଞ୍ଚଳରେ ବାର୍ଡଫ୍ଲୁ ବ୍ୟାପିଥିବାରୁ ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଉଲ୍ଲାସଙ୍କ ଜାଗାରେ ସହଦେବ ବେହେରାଙ୍କ ଦୁଇ ପୁଅ ସୁବାସ ବେହେରା ଓ ଦୀପକ ବେହେରା କୁକୁଡ଼ା ପୋଡୁଥିବା ସମୟରେ ଉଲ୍ଲାସ ବିରୋଧ କରିବାରୁ ତାଙ୍କୁ ସହଦେବ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁଇ ଧକ୍କା ପକାଇଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ଉଲ୍ଲାସ ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଦୁର୍ଗାପୂଜା, ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ

କୋଣାର୍କ,୯।୯(ଜ୍ୟୋତିରାଜ ମହାନ୍ତି)

ଶାରଦୀୟ ଦୁର୍ଗାପୂଜା ଓ ମା’ ଲକ୍ଷ୍ମୀପୂଜା ପାଇଁ କୋଣାର୍କରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଅପରାହ୍ନରେ କୋଣାର୍କ ନରସିଂହଦେବ ଦୁର୍ଗାପୂଜା କମିଟି ପକ୍ଷରୁ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ରୀତିନୀତି ଅନୁଯାୟୀ ସମାପନ କରାଯାଇଛି। କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀ ପୀଠ ଅଭିମୁଖେ ଘଣ୍ଟଘଣ୍ଟା, କାହାଳୀ ବଜାଇ ଶୋଭାଯାତ୍ରାରେ ବାହାରି ମା’ ଭଗବତୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ଆଜ୍ଞାମାଳ ଆଣିଥିଲେ। ମାଟି ଅନୁକୂଳ ପାଇଁ ସେଠାରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଅଭିମୁଖେ ଯାତ୍ରା କରି ତୀର୍ଥରୁ ମାଟି ଆଣି ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ଚଳିତବର୍ଷ କମିଟି ପକ୍ଷରୁ ପୂଜାର୍ଚ୍ଚନା ସହିତ ମହାସମାରୋହରେ ପୂଜା ଆୟୋଜନ ହେବ ବୋଲି ସୂଚନା ମିଳିଛି। ସେହିଭଳି ମା’ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଚନ୍ଦ୍ରଭାଗା ତୀର୍ଥରୁ ମାଟି ଅନୁକୂଳ କରି ଆଣି ଚଳିତବର୍ଷ ମହାଆଡମ୍ବରରେ ପୂଜାର୍ଚ୍ଚନା କରାଯିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## ଦିବ୍ୟଦର୍ଶନ ଆଧ୍ୟାତ୍ମିକ ସଂସ୍ଥାନର ଷଷ୍ଠ ବାର୍ଷିକୋତ୍ସବ


ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଦିବ୍ୟଦର୍ଶନ ଆଧ୍ୟାତ୍ମିକ ସଂସ୍ଥାନର ଷଷ୍ଠ ବାର୍ଷିକ ଉତ୍ସବ ‘ପତ୍ରିକା’ର ମୁଖ୍ୟ ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଶଙ୍କର୍ଷଣ ପରିଡ଼ା, ଚକ୍ରଧର ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ, ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶୁଭ୍ରା ନନ୍ଦ, ସଂଗ୍ରାମ କେଶରୀ ସାମନ୍ତରାୟ, ସୁକୁମାର ସାମଲ, ଲୋକନାଥ ଦାଶ, ଲକ୍ଷ୍ମୀକାନ୍ତ ନନ୍ଦ, ଜ୍ୟୋତ୍ସ୍ନା ମହାନ୍ତି, ଜାନକୀବଲ୍ଲଭ ଦାଶ, ମିଳନ କୁମାର ମିଶ୍ର, ସଂଘମିତ୍ରା କାନୁନଗୋ, ସନ୍ଧ୍ୟାରାଣୀ ଶତପଥୀ, ଶଶଧର ପଣ୍ଡା ଏବଂ ଅଶୋକ କୁମାର ପତିଙ୍କୁ ଦିବ୍ୟଦର୍ଶନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସେହିପରି ସଂସ୍ଥାନର ମୁଖପତ୍ର ‘ଦିବ୍ୟଦର୍ଶନ’, ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ‘ସାଆନ୍ତ ମୋ ବେଶ ରଙ୍କୁଣୀ’, କୃଷ୍ଣପ୍ରିୟା ମହାପାତ୍ରଙ୍କ ରଚିତ କବିତା ସଙ୍କଳନ ‘ପଦ୍ୟନିଚୟ’, ଡ. ସୁଦୀପ୍ତା ମିଶ୍ରଙ୍କ ରଚିତ କବିତା ସଙ୍କଳନ ‘ଅଣ୍ଡର ଦ ଷ୍ଟାରି ସ୍କାଏ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଆୟୋଜିତ ଆଧ୍ୟାତ୍ମିକ କବିତା ପାଠୋତ୍ସବରେ ‘ନୀଳଚକ୍ର ବାନା’ର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବସନ୍ତ କୁମାର ମାଝୀ, ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଏବଂ ଅଭିନବ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ନପୂର୍ଣ୍ଣା ଦେବୀ, କ୍ରିଷ୍ଣା ମହାପାତ୍ର ଓ ସର୍ବାଣୀ ଦାସ କବିତା ସଂଯୋଜନା କରିଥିଲେ। ସଭା ଆରମ୍ଭରେ ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ସଙ୍ଗୀତ ପରିଷଦର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃନ୍ଦଗାନ ପରିବେଷିତ ହୋଇଥିଲା। ସମ୍ପାଦିକା ପ୍ରବାସିନୀ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ରିଷ୍ଣା ମହାପାତ୍ର ଓ କଳ୍ପନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଐଶ୍ୱର୍ଯ୍ୟା ଦାଶ, ଲକ୍ଷ୍ମୀପ୍ରିୟା ଦାଶ, ଅଲିଭା, ଓମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସମନ୍ୱୟ ସଂଘର ବୈଠକ

ପୁରୀ,୯।୯(ଅଜିତ କୁମାର ମହାନ୍ତି)

ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସୋମବାର ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଉନ୍ନୟନ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୁରୀରେ ବାସ କରୁଥିବା ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେବା ସହ ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣଯୋଗାଯୋଗ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମାନସ ରଞ୍ଜନ ମହାପାତ୍ର ଏବଂ ଅନୁଷ୍ଠାନର ପଞ୍ଜୀକରଣ ଲାଗି ରତିକାନ୍ତ ସ’ଙ୍କୁ ଦାୟିତ୍ୱ ଦିଆଯାଇଛି। ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ବୈଠକରେ ୧୫ଟି ବିଭିନ୍ନ କେନ୍ଦ୍ରୀୟ ସରକାରୀ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

### ଭାଜପା ଯୁବ ଛାତ୍ର ମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

ନିମାପଡ଼ା,୯।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଓ ଏନ୍‌ଏସି ଭାଜପା ଯୁବ ଛାତ୍ର ମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ସୋମବାର ଗ୍ରୀନଲ୍ୟାଣ୍ଡ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚା ନେତା ରାକେଶ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ଛାତ୍ରମୋର୍ଚ୍ଚା ନେତା ସରୋଜ ମାଝୀ, ଯୁବମୋର୍ଚ୍ଚା ନେତା ସତ୍ୟଜିତ୍ ଆଚାର୍ଯ୍ୟ, ଯୋଗଜନ୍ମ ସାହୁ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ତୃଣମୂଳ ବୁଥସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ୍, ଯୁବ ଓ ଛାତ୍ର ବାହିନୀକୁ ଅଧିକ କ୍ରିୟାଶୀଳ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦେବ ହେନ୍ତାଳ ବନ



ଅସ୍ତରଙ୍ଗ,୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ଭର୍ଗବୀ ନଦୀ ତଟରେ ଲାଗିଲା ୨ହଜାର ଚାରା**

ହେନ୍ତାଳ ବନ ଅନେକ ଜୀବଜନ୍ତୁଙ୍କ ସୁରକ୍ଷିତ ଆବାସସ୍ଥଳୀ ପାଲଟିବା ସହ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଏକାଧିକ ଗାଁକୁ ଜୁଆର ଦାଉରୁ ସୁରକ୍ଷା ଦେଉଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସବୁଜ ଶାଖା’ ପକ୍ଷରୁ ହେନ୍ତାଳ ବନ ସୃଷ୍ଟି ଉଦ୍ଦେଶ୍ୟରେ ସ୍ଥାନୀୟ ଭର୍ଗବୀ ନଦୀତଟରେ ୨ହଜାରରୁ ଅଧିକ ଚାରାରୋପଣ କରାଯାଇଛି। ଏହି ଅବସରରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ତ୍ରୁଷ୍ଟି ବାବୁ ବେହେରା, ମିଳିତ ଜାତିସଂଘର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ଉପସ୍ଥିତ ରହି ଲୁଣା ଜଙ୍ଗଲ ପ୍ରକାରଭେଦ, ପ୍ରାକୃତିକ ଓ ମନୁଷ୍ୟକୃତ ଚାପ ଏବଂ ସାମୁଦ୍ରିକ ସ୍ୱାସ୍ଥ୍ୟ ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କାରଣ ହେନ୍ତାଳ ଗଛ ତନ୍ତୁଜାତୀୟ ବା ଚେରୁଆ ଗଛ ହୋଇଥିବାରୁ ତାହାକୁ ସାମୁଦ୍ରିକ ଝଡ଼ ବାତ୍ୟାର ପବନ ସହଜରେ କ୍ଷତି କରିପାରେ ନାହିଁ ବୋଲି ସବୁଜଶାଖା ଉପଦେଷ୍ଟା ଦିବାକର ଛାଟୋଇ କହିଛନ୍ତି। ଲୁଣା ଜଙ୍ଗଲ ଉପରେ କଙ୍କଡ଼ାଙ୍କ ବଂଶ ବୃଦ୍ଧି ହେଉଥିବା ବେଳେ ସେଗୁଡ଼ିକୁ ସଂଗ୍ରହ ପାଇଁ ନିର୍ଭର କରୁଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟର ମହିଳାମାନଙ୍କୁ ଲୁଣା ଜଙ୍ଗଲ ସଂରକ୍ଷଣ କାର୍ଯ୍ୟରେ ନିୟୋଜନ କରାଯିବା ପ୍ରୟାସ ଅନେକଙ୍କୁ ରୋଜଗାର ପନ୍ଥା ଦେଇଛି। ଚାରାରୋପଣ କାର୍ଯ୍ୟକ୍ରମରେ ସବୁଜଶାଖା ଉପଦେଷ୍ଟା ଦିବାକର ଛାଟୋଇ, ସଭାପତି ରମାକାନ୍ତ ବଡ଼ିଆ, ସମ୍ପାଦକ ହୃଷୀକେଶ ମୁଦୁଲି, ଦୁର୍ଗାଚରଣ ମହାରଣା, ରମାରଞ୍ଜନ ବଡ଼ିଆ, ଯୁଗଳ କିଶୋର ମହାନ୍ତି, କେଳୁ ଓଝା ପ୍ରମୁଖ ସାମିଲ ଥିଲେ। ଏଭଳି ନିଆରା ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ପର୍ଯ୍ୟଟକ, ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ମନା

ପୁରୀ, ୯।୯(ଅଜିତ୍ କୁମାର ମହାନ୍ତି):

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କାରଣରୁ ଦୁଇଦିନ ହେବ ପୁରୀ ଜିଲାରେ ବର୍ଷା ଲାଗି ରହିଛି। ପୁରୀରେ ୧୮ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତଳିଆ ଅଞ୍ଚଳରେ ପାଣି ଜମିଛି। ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ସେହିପରି ସମୁଦ୍ର ଅଶାନ୍ତ ରହିବା ସହ ବଡ ବଡ ଢେଉ ସୃଷ୍ଟି ହେଉଛି। ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ପାଇଁ ବାରଣ କରାଯାଇଛି। ଲାଇଫ ଗାର୍ଡମାନେ ଗଭୀର


ପର୍ଯ୍ୟଟକଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ଲାଇଫଗାର୍ଡ ସଚେତନ କରୁଛନ୍ତି ।

**ସଚେତନ କରୁଛି ପ୍ରଶାସନ**

ସମୁଦ୍ରକୁ ନ ଯିବା ନିମନ୍ତେ ପର୍ଯ୍ୟଟକଙ୍କୁ ସଚେତନ କରାଉଛନ୍ତି। ସମୁଦ୍ର ଭିତରକୁ ମାଛ ମାରିବାକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସତର୍କ କରାଯାଉଛି। ଆସନ୍ତା ୧୨ ତାରିଖ ଯାଏ ସମୁଦ୍ରକୁ ମାଛ ମାରିବାକୁ ନ ଯିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେଣୁ ମତ୍ସ୍ୟଜୀବୀମାନେ ହାତ ବାନ୍ଧି ବସିଛନ୍ତି। ସେମାନେ ଡଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ପେଣ୍ଟକଟାର କେତେଜଣ ମତ୍ସ୍ୟଜୀବୀ କହିଛନ୍ତି, ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିଛି। ପ୍ରଶାସନର ନିର୍ଦ୍ଦେଶକୁ ସେମାନେ ପାଳନ କରୁଛନ୍ତି।

## ଉପମନ୍ୟୁଙ୍କୁ ସହାୟତାର ହାତ ବଢ଼ାଇଲା ଦେବଯୁଗ ଫାଉଣ୍ଡେଶନ

ଅସ୍ତରଙ୍ଗ, ୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି ଗ୍ରାମର ମନୋରଞ୍ଜନ ବେହେରା ଓ ଉତ୍ତରା ବେହେରାଙ୍କ ୧୩ବର୍ଷୀୟ ଅସୁସ୍ଥ ପୁଅ ଉପମନ୍ୟୁଙ୍କ ପ୍ରତି ସହଯୋଗର ହାତ ବଢ଼ାଇଛି ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଯୁଗ ଫାଉଣ୍ଡେଶନ। ସୋରିଆସିସ୍‌ରେ ଆକ୍ରାନ୍ତ ଉପମନ୍ୟୁଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ସମ୍ପର୍କରେ ‘ଧରିତ୍ରୀ’ରେ ପାଠପଢ଼ା, ଖେଳକୁଦ ବୟସରେ ଶଯ୍ୟାଶାୟୀ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଦେବଯୁଗ ଫାଉଣ୍ଡେଶନର ଅଧ୍ୟକ୍ଷ ଦେବବ୍ରତ ନାୟକ ଏବଂ ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ଉପମନ୍ୟୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ରାଶନ ସାମଗ୍ରୀ ଓ କିଛି ଅର୍ଥରାଶି ପ୍ରଦାନ କରିଛନ୍ତି। ସେହିପରି ତାଙ୍କର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଅଧ୍ୟକ୍ଷ ନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଉପମନ୍ୟୁଙ୍କ

**ଧରିତ୍ରୀ ପ୍ରଭାବ**

ଚିକିତ୍ସା ପାଇଁ ୧୨ଟି ଇଞ୍ଜେକ୍ସନ ଦରକାର, ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା। ନିଜ ଖର୍ଚ୍ଚରେ ସମସ୍ତ ଇଞ୍ଜେକ୍ସନ ଯୋଗାଇ ଦେବେ ବୋଲି ଅଧ୍ୟକ୍ଷ ନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ରବିବାର ଛୁରିଆନା ପଞ୍ଚାୟତର ଅନିରୁଦ୍ଧ ସେଠୀ ଘରେ ବିଦ୍ୟୁତ କାମ କରୁଥିବାବେଳେ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଏହି ପରିବାର ନିକଟରେ ଅଧ୍ୟକ୍ଷ ନାୟକ ପହଞ୍ଚି ସମବେଦନା ଜଣାଇବା ସହ ତାଙ୍କ ଶେଷକୃତ୍ୟ ପାଇଁ ଦୁଇହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସହାୟତା ସମୟରେ ଅସ୍ତରଙ୍ଗ ବ୍ଲକ ମୁଖ୍ୟ ପରିଚାଳକ ଜିତେନ୍ଦ୍ର ନାୟକ (ଜୁବୁଲି), ଆଡିଶ, ଲକି, ଶିତିକାନ୍ତ, ରଞ୍ଜନ, ପ୍ରଭାସ, ପ୍ରତାପ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ଗଣେଶ ପୂଜାରେ ଦେବଯୁଗ ଫାଉଣ୍ଡେଶନର ଦ୍ୱିତୀୟ ଶାଖା ଅସ୍ତରଙ୍ଗରେ ଖୋଲିଛି। ମାନବ ସେବା ହିଁ ମାଧବସେବା। ଏହି ଆଧାରରେ ଦେବଯୁଗ ଫାଉଣ୍ଡେଶନର ସଦସ୍ୟମାନେ ଜନସେବା ଜାରି ରଖିଛନ୍ତି।


ଉପମନ୍ୟୁଙ୍କ ମାତାପିତାଙ୍କୁ ଦେବଯୁଗ ଫାଉଣ୍ଡେଶନର ଅଧ୍ୟକ୍ଷ ଦେବବ୍ରତ ନାୟକ ସହାୟତା ଅର୍ଥ ପ୍ରଦାନ କରୁଛନ୍ତି।

## ପୁରୀରେ ଖୋଲିବ ‘ଅରୁନ୍ଧତୀ ଜୁଏଲର୍ସ’ର ନୂଆ ଶୋ’ରୁମ୍

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ପୁରୀ ବଡ଼ଦାଣ୍ଡ ମାର୍କେଟ ଛକ ନିକଟସ୍ଥ ‘ଅରୁନ୍ଧତୀ ଜୁଏଲର୍ସ’ର ଅତ୍ୟାଧୁନିକ ନବମ ଫ୍ଲାଗ୍‌ଶିପ୍ ଗହଣା ଶୋ’ରୁମ୍ ଆସନ୍ତା ୧୧ ତାରିଖ ବୁଧବାର ଉଦ୍‌ଘାଟିତ ହେବ। ଏ ନେଇ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୋମବାର ପୁରୀର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ସିପିସିଓ ନିଖିଲ ମାହେଶ୍ୱରୀ, ପୁରୀ ବ୍ରାଞ୍ଚ ମୁଖ୍ୟ ମୋହନ ବାରିକ୍, ଜୋନାଲ ମ୍ୟାନେଜର ସମୀର ପାଟଶାହାଣୀ ଏବଂ ଅପରେଶନ ହେଡ୍ ନୀହାର ରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇ କହିଥିଲେ, ଅରୁନ୍ଧତୀ ଜୁଏଲର୍ସ ବର୍ତ୍ତମାନ ୨୫ ବର୍ଷରେ ପଦାର୍ପଣ କରିଛି। କମ୍ପାନୀ ୨୫ ବର୍ଷ ତଳେ ବଲାଙ୍ଗୀରରୁ ଯାତ୍ରା ଆରମ୍ଭ କରିଥିଲା।



ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଜୁଏଲର୍ସର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

ରାଜ୍ୟର ବିଭିନ୍ନ ଜିଲାରେ କମ୍ପାନୀ ତା’ର ଶୋ’ରୁମ୍ ଖୋଲିବାରେ ସଫଳ ହୋଇଛି। ଦୀର୍ଘ ୨୫ବର୍ଷ ଧରି ଓଡ଼ିଶାବାସୀଙ୍କ ଅତୁଟ ସ୍ନେହ, ଶ୍ରଦ୍ଧା, ବିଶ୍ୱାସ, ଆଶୀର୍ବାଦ ଅରୁନ୍ଧତୀ ସମୃଦ୍ଧିର ପ୍ରାଣକେନ୍ଦ୍ର ପାଲଟିଥିବା ବେଳେ ସେହି ସୁବର୍ଣ୍ଣ ସମ୍ପର୍କର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତିର ସହର ନୀଳାଚଳଧାମ ପୁରୀରେ ଅରୁନ୍ଧତୀ ଶୁଭାରମ୍ଭ କରିବାକୁ ଯାଉଛି । ପୁରୀରେ ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନିକ ଫ୍ଲାଗଶିପ୍ ଶୋ’ରୁମ୍ ୮୦୦୦ ବର୍ଗଫୁଟ ପରିମିତ ଏବଂ ଏହା ମଧ୍ୟରେ ଭାରତର କୋଣ ଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ୧୦,୦୦୦ରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ଡିଜାଇନ୍ ଓ ସମ୍ପୂର୍ଣ୍ଣ ହଲମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ସହ ପ୍ରିମିୟମ ହ୍ୟାଣ୍ଡଲୁମ୍ ଶିଳ୍କ ଶାଢ଼ିର ସମ୍ଭାର ରଖାଯିବା ସହ ରାଜ୍ୟର ସର୍ବପ୍ରଥମ ଗହଣା ବ୍ରାଣ୍ଡ ଭାବେ ୫ ଷ୍ଟାର ପ୍ରମିଜ୍ ସେବା ମଧ୍ୟ ଯୋଗାଇ ଦିଆଯିବ। ଏହି ଅବସରରେ ଅରୁନ୍ଧତୀ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ଏଚ୍‌ୟୁଆଇଡି ଶୁଦ୍ଧତାଯୁକ୍ତ ସୁନାଗହଣାର ଗଢ଼ାମଜୁରି ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ, ରୁପାଗହଣାର ଗଢ଼ାମଜୁରି ଉପରେ ୨୫ ପ୍ରତିଶତ ଓ ହୀରା ଗହଣାର ହୀରାମୂଲ୍ୟ ଉପରେ ୨୫ ପ୍ରତିଶତ ରିହାତି ଏବଂ ପୁରୁଣା ସୁନାଗହଣା ଏକ୍ସଚେଞ୍ଜ ଉପରେ ୨.୫% ଅତିରିକ୍ତ ମୂଲ୍ୟ ପାଇପାରିବେ। ଏଥିସହ ହସ୍ତତନ୍ତ ବୁଣା ପ୍ରିମିୟମ ସମ୍ବଲପୁରୀ ଶାଢ଼ିର କ୍ରୟ ଉପରେ ୧୫ ପ୍ରତିଶତ ରିହାତି ସହିତ ପ୍ରତ୍ୟେକ କ୍ରୟ ଉପରେ ସୁନିଶ୍ଚିତ ଆକର୍ଷଣୀୟ ଉପହାର ଓ ୩୫ ଜଣ ଭାଗ୍ୟଶାଳୀ ଲକ୍ଷପତି ବିଜେତା ହେବାର ସୁଯୋଗ ରହିଛି। ସେହିପରି କମ୍ପାନୀର ୨୫ ବର୍ଷ ପୂର୍ତ୍ତି ଅବସରରେ କମ୍ପାନୀର ଲୋଗୋ ଟାଉନହଲରେ ଲୋକାର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମେହେର କହିଛନ୍ତି।

## ସଂକ୍ଷେପରେ

### ଲୁଣାହାର ପୋଲ ନିକଟରେ ୨ ବାଇକ୍ ଧକ୍କା, ୨ ଗୁରୁତର

ସାଲେପୁର,୯।୯(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ କୁଆଁପାଳ ରାସ୍ତାର ଲୁଣାହାର ପୋଲ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ୨ ଜଣ ଗୁରୁତର ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସାଲେପୁରରୁ ବୋଦାମୁଣ୍ଡାଇ ଅଭିମୁଖେ ଯାଉଥିବା ବୋଦାମୁଣ୍ଡାଇ ଗ୍ରାମର ବାପୁନି ସାମଲ, ସନ୍ତୋଷ କୁମାର ଓଝା ଏବଂ ଅନ୍ୟଜଣେ ବୋଦାମୁଣ୍ଡାଇରୁ ସାଲେପୁର ଅଭିମୁଖେ ବାଇକ୍‌ରେ ଆସୁଥିବା ନିଶ୍ଚିନ୍ତକୋଇଲି ବ୍ଲକ୍ ବାହାବଳପୁର ଗ୍ରାମର ସେକ୍ ଅମରୁଦ୍ଦିନ(୬୦)ଙ୍କ ସହ କୁଆଁପାଳ ରାସ୍ତାର ଲୁଣାହାର ପୋଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେକ୍ ଅମରୁଦ୍ଦିନ ଓ ବାପୁନି ସାମଲ ଗୁରୁତର ହୋଇଥିବାବେଳେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

### ଦୋଷୀଙ୍କୁ କଠୋର ଦଣ୍ଡ ଦାବି
#### ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ଘଟଣା

କଟକ,୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ପଶ୍ଚିମବଙ୍ଗସ୍ଥିତ ଆର୍.ଜି.କର ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ନେଇ ସୋମବାର ରାଜ୍ୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସଂଘ ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୃତ ଡାକ୍ତରୀ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ବିଳମ୍ବ ହେଉଥିବାରୁ ସଂଘ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିବାବେଳେ ସମସ୍ତ ଦୋଷୀଙ୍କୁ ଗିରଫ କରାଯାଇ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି। ସଂଘର ସଭାପତି ଡା. ଜୟଶ୍ରୀ ପଟ୍ଟନାୟକ ଏବଂ ସମ୍ପାଦିକା ଡା. ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡା. ଶ୍ୟାମା କାନୁନ୍‌ଗୋ, ଡା. ଶରତ କୁମାର ମହାପାତ୍ର, ଡା. ସୁଶୀଲ କୁମାର ଗିରି, ଡା. ମାୟା ପାଢ଼ୀ, ଡା. ହରପ୍ରସାଦ ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର, ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ସ୍ନିଗ୍ଧା ବନବାସିନୀ ନନ୍ଦ, ଡା. ମଧୁମିତା ମହାନ୍ତିଙ୍କ ସମେତ ଶତାଧିକ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟ ବିଚାରପତି

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ସୋମବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟ ବିଚାରପତି କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟ ବିଚାରପତିଙ୍କୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ମୁଖ୍ୟ ବିଚାରପତି ଚତୁର୍ଦ୍ଧାମୂର୍ତ୍ତି ଏବଂ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ବିଚାରପତିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା ଏବଂ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା।

# ଗଣେଶ ପୂଜାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## ପଟ୍ଟାପୋଲ ଅଞ୍ଚଳରେ ପଥର ମାଡ଼

କଟକ,୯।୯(କାର୍ତ୍ତିକ ସାହୁ)



ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

ସହରରେ ଗଣେଶ ପୂଜାର ମାହୋଲ ଚାଲିଥିବାବେଳେ କ୍ୟାଣ୍ଟନମେଣ୍ଟ ଥାନା ଅଧୀନ ପଟ୍ଟାପୋଲ ଅଞ୍ଚଳରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀ ମଧ୍ୟରେ ଢେଲାପଥର ମାଡ଼ ହୋଇଛି। ତେବେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ପରିସ୍ଥିତି ଆୟତ୍ତ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ କର୍ମଚାରୀମାନେ ମୁତୟନ ରହିଥିବା ଦରଘା ବଜାର ଆଇଆଇସି ଚିନ୍ତେଶ୍ୱର ମୁଣ୍ଡ କହିଛନ୍ତି। ସୂଚନା ଅନୁସାରେ, ପଟ୍ଟାପୋଲ ଅଞ୍ଚଳର ସୁନାଧୁଆ ସାହି ଓ ମଙ୍ଗଳା ସାହିରେ ପୃଥକ୍ ଭାବେ ଗଣେଶ ପୂଜା ଚାଲିଛି। ସୋମବାର ରାତି ପ୍ରାୟ ୯ଟା ସମୟରେ କୌଣସି କାରଣରୁ ୨ ଯୁବକଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏ ଘଟଣା ପ୍ରଚାର ହେବା ପରେ ସେଠାର ୨ ଗୋଷ୍ଠୀ ଉତ୍ତେଜିତ ହୋଇ ପରସ୍ପର ଆଡ଼କୁ ଆକ୍ରମଣାତ୍ମକ ଭାବେ ମାଡ଼ି ଆସି ଢେଲାପଥର ମାଡ଼ ଆରମ୍ଭ କରି ଦେଇଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଭ୍ୟାନ୍ ସେଠାରେ ପହଞ୍ଚି ଯାଇଥିଲା। ପୋଲିସ୍ ଅଧିକାରୀ ଓ କର୍ମଚାରୀ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଫଳରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷକୁ ରୋକାଯାଇ ପାରିଛି। ତେବେ ରାତିରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରି ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇଥିବା ଜଣାଯାଇଛି।




କୋଲକାତାର ଆର୍.ଜି. କର ମେଡିକାଲ ଡାକ୍ତରୀ ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣାକୁ ୩୦ ଦିନ ପୂରିଥିବାବେଳେ ନ୍ୟାୟ ଦାବିରେ ସୋମବାର ଏସ୍‌ସିବି ମେଡିକାଲ କଲେଜ ପୁରୁଣା ଆଉଟ୍ ଡୋର ସମ୍ମୁଖରେ ଆସୋସିଏଶନ୍ ଅଫ୍ ଓବ୍‌ଷ୍ଟ୍ରେଟ୍ରିସିଆନ୍ସ ଆଣ୍ଡ୍ ଗାଇନୋକୋଲୋଜିଷ୍ଟ ଅଫ୍ ଓଡ଼ିଶା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

## ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ଆଲୋଚନାଚକ୍ର, ଚାରାରୋପଣ

ବାଙ୍କୀ,୯।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ପ୍ରକୃତିବନ୍ଧୁ ସଙ୍ଗଠନ ତରଫରୁ ପ୍ରାଚୀନକୀର୍ତ୍ତି ମା'ଡାହାଳିଆଣୀ ପୀଠରେ ଔଷଧୀୟ ବୃକ୍ଷ ସମ୍ବନ୍ଧରେ ଆଲୋଚନା କରାଯିବା ସହ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ପ୍ରକୃତିବନ୍ଧୁ ତଥା ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଡାହାଳିଆ ଶାସକମାନେ ନବମ ଶତାବ୍ଦୀରେ ଏହି ମନ୍ଦିର ନିର୍ମାଣ କରି ଡାହାଳିଆଣୀ ଠାକୁରାଣୀଙ୍କୁ ପୂଜା କରୁଥିଲେ। ଏହା ଘଞ୍ଚ ଜଙ୍ଗଲ ଭିତରେ ଥିଲା ବୋଲି କହିଥିଲେ । ଏହି ପୀଠରେ ଔଷଧୀୟ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ବୋଲି ପ୍ରକୃତିବନ୍ଧୁ ମହାପାତ୍ର ଉଲ୍ଲେଖ କରିଥିଲେ । ପ୍ରକୃତିବନ୍ଧୁ ସଂଗଠନର ଆବାହକ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣେଶ ବଳିୟାର ସିଂହ, ଆଶୁତୋଷ ପଣ୍ଡା, ବ୍ରଜବନ୍ଧୁ ପୃଷ୍ଟି, ପ୍ରତାପ ଜେନା, କୃପାସିନ୍ଧୁ ପୃଷ୍ଟି, ରବି ନାୟକ, ଶମ୍ଭୁନାଥ ନାୟକ ପ୍ରମୁଖ ଯୋଗଦେଇ ଔଷଧୀୟ ଚାରାରୋପଣ କରିଥିଲେ ।

# ଏଲ୍‌ଆର୍ ଡିଏଭିର ଯତ୍‌କୃପା ପ୍ରଥମ



ଅତିଥିମାନଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ଛାତ୍ରମାନେ।

କଟକ,୯।୯(କାର୍ତ୍ତିକ ସାହୁ)

## ଗୀତା, ଧର୍ମଗ୍ରନ୍ଥ ଜ୍ଞାନ ପରୀକ୍ଷା

ଅନ୍ନପୂର୍ଣ୍ଣା ନାରାୟଣ ଟ୍ରଷ୍ଟ ଦ୍ୱାରା ପରିଚାଳିତ କ୍ରିଷ୍ଣା କନ୍‌ସିୟନେସ ମୋରାଲ ସ୍କୁଲ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଗୀତା ଓ ଧର୍ମଗ୍ରନ୍ଥ ଜ୍ଞାନ ପରୀକ୍ଷା ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଏଲଆର୍ ଡିଏଭି ପବ୍ଲିକ ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ର ଯତ୍‌କୃପା ଦାସ ପ୍ରଥମ, ଡିଏଭି ଏସ୍‌ସିବି ମେଡିକାଲ ସ୍କୁଲର ୩ୟ ଶ୍ରେଣୀ ଛାତ୍ର ଶ୍ରେୟାଂଶ ପରିଡ଼ା ଓ ୪ର୍ଥ ଶ୍ରେଣୀ ଛାତ୍ର ହର୍ଷିତ କୁମାର ପୃଷ୍ଟି ଯୁଗ୍ମ ଦ୍ୱିତୀୟ, ଡିଏଭି ଏସ୍‌ସିବି ମେଡିକାଲ ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ର ରୁଦ୍ରମାଧବ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ବାବା ସତ୍ୟାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ରବୀନ୍ଦ୍ରନାଥ ମହାନ୍ତି, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ସେଣ୍ଟ ଜାଭିୟର୍ସ ଗ୍ରୁପ ଶିକ୍ଷାନୁଷ୍ଠାନ ସମୂହ ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ହୃଦ୍‌ରୋଗ ବିଭାଗର ଆସୋସିଏଟ ପ୍ରଫେସର ଡା. ଦୀପକ ରଞ୍ଜନ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ରାଜକିଶୋର ମହାନ୍ତି ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରିଥିଲେ। ମୋରାଲ ସ୍କୁଲ ପ୍ରିନ୍ସିପାଲ ରୀତା ନାୟକ ଓ ଶିକ୍ଷାବିତ୍ ଡ. ଶୁଭଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏଭି ଏସ୍‌ସିବି ମେଡିକାଲ ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ ଓ ଏସ୍.କେ. କୁମାର, ଟ୍ରଷ୍ଟ କର୍ମକର୍ତ୍ତା ଶଶିଧର ନାୟକ, ଚୌଧୁରୀ ଅଶ୍ୱିନୀ କୁମାର ଦାସ, ସୌଭାଗ୍ୟ ମହାପାତ୍ର, ସତ୍ୟଜିତ ଗୋସ୍ୱାମୀ, ସୁଶାନ୍ତ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ସୁଶାନ୍ତ ଭୂୟାଁ ଓ କୃଷ୍ଣପ୍ରସାଦ ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# 'ପ୍ରତ୍ୟେକ ବ୍ୟକ୍ତିଙ୍କ ସଂସ୍କାର ଆବଶ୍ୟକ'

କଟକ,୯।୯ (କାର୍ତ୍ତିକ ସାହୁ)



ରାଷ୍ଟ୍ରର ସମୃଦ୍ଧି ବ୍ୟକ୍ତି ଉପରେ ନିର୍ଭର କରେ। ଏକ ସୁସ୍ଥ ସମାଜ ଗଠନ ଦିଗରେ ପରିବାର ଓ ବ୍ୟକ୍ତି ଚରିତ୍ର ବଳିଷ୍ଠ ହେବା ଆବଶ୍ୟକ। ଏସବୁ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସଂସ୍କାର ଆବଶ୍ୟକ ବୋଲି ଓୟୁଏଟିର ପୂର୍ବତନ ଡିନ୍ ଡ. ହୃଷୀକେଶ ସେନାପତି ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ ଉଦ୍ଧୃତ କରି ମତବ୍ୟକ୍ତ କରିଛନ୍ତି। ଖାନନଗର ସତ୍‌ସଙ୍ଗୀବୃନ୍ଦଙ୍କ ପକ୍ଷରୁ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଭାଦ୍ର ସତ୍‌ସଙ୍ଗ ପରିକ୍ରମା ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ରୂପେ ଡ. ସେନାପତି ଯୋଗଦେଇ ପାରିବାରିକ ଶାନ୍ତି ଓ ସହାବସ୍ଥାନ ଉପରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବାଦର୍ଶ ପ୍ରତିଟି ମଣିଷର କରଣୀୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଡା. ପ୍ରଭାସ ଚନ୍ଦ୍ର ସୁବୁଦ୍ଧି ଓ ସମ୍ମାନିତ ବକ୍ତା ପ୍ରଫେସର ଜିତେନ୍ଦ୍ର କୁମାର ପତି, ଇଂ. ସନାତନ ନାୟକ କହିଥିଲେ। ଡା. ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁମନ୍ତ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ବସନ୍ତ କୁମାର ସାହୁ ନାରୀର ନୀତି ଓ ପ୍ରହ୍ଲାଦ ରାଉତ ସତ୍ୟାନୁସରଣ ଗ୍ରନ୍ଥ ପାଠ କରିଥିଲେ। ମମତା ପ୍ରଧାନ, ଜୟନ୍ତୀ ବସାକ, ଗାୟତ୍ରୀ ବନ୍ଦନା ଦାସ ଓ ସୁଧିତି ବାରିକ୍ ଭଜନ, କୀର୍ତ୍ତନ ପରିବେଷଣ କରିଥିଲେ। ଅରୁଣ କୁମାର ମହାନ୍ତି, ଭବରଞ୍ଜନ ସାହୁ, ବାବୁଲି ସାହୁଙ୍କ ସମେତ ସ୍ଥାନୀୟ ସତ୍‌ସଙ୍ଗୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

## ଅଟୋଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୯।୯(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ମଦନପୁର ପଞ୍ଚାୟତ ଦେଉଳିଆପାଟଣା ଗ୍ରାମରୁ ସୋମବାର ପୋଲିସ ଜଣେ ଅଟୋ ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର କୁଳମଣି ସାହୁ (୫୮)। ସୂଚନା ମୁତାବକ, ରବିବାର ରାତିରେ କୁଳମଣିଙ୍କ କୌଣସି କାରଣରୁ ଘରେ ପାଟିତୁଣ୍ଡ ହୋଇଥିଲା। ସୋମବାର ଭୋରରୁ ପରିବାରଲୋକେ ଉଠି ଦେଖିବା ବେଳକୁ କୁଳମଣି ଘରେ ନ ଥିଲେ। ସେ ବାରିପଟ ଆମ୍ବଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ଇନ୍‌ଫୋଭ୍ୟାଲି ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଭଦ୍ରକର ସୁଦୀପ୍ତା ପାଇଲେ ବ୍ରୋଞ୍ଜ ପଦକ



କଟକ,୯।୯(କାର୍ତ୍ତିକ ସାହୁ)

## ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ହୋଲି ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ କିରୋଗି ଓ ପୁମ୍‌ସେ ନ୍ୟାଶନାଲ ଚାମ୍ପିୟନଶିପ-୨୦୨୪ରେ ଭାଗନେଇ ଭଦ୍ରକ ଜିଲ୍ଲାର ସୁଦୀପ୍ତା ବାରିକ ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ମନମୋହନ ଭଞ୍ଜ ଏବଂ ଭଦ୍ରକ ଟାଏକୋଣ୍ଡୋ ଟ୍ରେନିଙ୍ଗ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସବ୍ୟସାଚୀ ବେହେରା ତାଙ୍କୁ ଧନ୍ୟବାଦ ଦେବା ସହ ଶୁଭକାମନା ଜଣାଇଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସୁପର କିରୋଗି ଏବଂ ପୁମ୍‌ସେ ଚାମ୍ପିୟନଶିପ୍-୨୦୨୪ରେ ଷ୍ଟଣ୍ଟଗର୍ଲ ସୁଦୀପ୍ତା ଭାଗନେଇ ଗୋଲ୍ଡ ମେଡାଲ ହାସଲ କରି ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ସେ ଏବେ ଭଦ୍ରକସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ-କ ଶ୍ରେଣୀରେ ଅଧ୍ୟୟନରତା। ସୁଦୀପ୍ତା ଭଦ୍ରକ କଲେକ୍ଟୋରେଟରେ କାର୍ଯ୍ୟରତ ଫାଇନାନ୍ସ ଏକ୍ସପର୍ଟ ଭଗବାନ ବାରିକ ଏବଂ ବ୍ୟାଙ୍କ ଅଧିକାରୀ ସସ୍ମିତା ବେହେରାଙ୍କର ଏକମାତ୍ର କନ୍ୟା ତଥା ଅବସରପ୍ରାପ୍ତ ଶିକ୍ଷକ ପୀତବାସ ବାରିକଙ୍କର ନାତୁଣୀ। ସେ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ରିଜିଓନାଲ ସ୍ପୋର୍ଟ୍ସ ମିଟ୍ ତଥା ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ (ପୁରୀ) ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସୁପର କିରୋଗି ଏବଂ ପୁମ୍‌ସେ ଚାମ୍ପିୟନଶିପରେ ଭାଗନେଇ ବାଳିକା ବିଭାଗରେ ବହୁଥର ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଜାତୀୟସ୍ତରର ଏଭଳି ସଫଳତା ପାଇଁ ତାଙ୍କୁ ଜିଲା ତଥା ରାଜ୍ୟ ବାହାରୁ ଶୁଭେଚ୍ଛାର ସୁଅ ଛୁଟୁଛି।



ବାଲିଯାତ୍ରା ଉପରପଡ଼ିଆରେ ପରିଚୟ ଜାତୀୟ ଆଦିବାସୀ ମହୋତ୍ସବରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଏନ୍‌ଏଚ୍ ପ୍ରକଳ୍ପ କାର୍ଯ୍ୟାଳୟ ଘେରିଲେ ଲୋକେ

ଚୌଦ୍ୱାର,୯।୯(ଆଶୁତୋଷ ଦାସ)




୫୫ ନଂ. ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଲୋକେ ଘେରାଉ କରିଛନ୍ତି।

୫୫ ନଂ. ଜାତୀୟ ରାଜପଥ (ଏନ୍‌ଏଚ୍)ର ନିମ୍ନମାନର କାମ, ବିପର୍ଯ୍ୟସ୍ତ ରାସ୍ତା ଅବସ୍ଥା ଓ ସର୍ଭିସ ରୋଡର ମରାମତି କରାଯାଉ ନ ଥିବା ବିରୋଧରେ ସୋମବାର ଚୌଦ୍ୱାର ଜାଗରଣ ମଞ୍ଚ ନେତୃତ୍ୱରେ ଚୌଦ୍ୱାର ସହରବାସୀ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାର ଏକ ଲିଖିତ ଦାବିପତ୍ର ଜାତୀୟ ରାଜପଥ ପ୍ରାଧିକରଣ ଟେକ୍‌ନିକାଲ ମ୍ୟାନେଜର ଧୀରଜ ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ନଭେମ୍ବର ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଅଧିକାରୀ ପାଣ୍ଡେ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଏଥିରେ ବିଭିନ୍ନ ବ୍ୟବସାୟ ସଂଗଠନ କର୍ମକର୍ତ୍ତା, ସାଧାରଣ ଜନତା, ଖବରଦାତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ୫୫ ନଂ. ଜାତୀୟ ରାଜପଥ ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ପ୍ରାୟ ୬ କି.ମି. ରାସ୍ତା ସମ୍ପ୍ରସାରଣକୁ ୬ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଚୌଦ୍ୱାର ସହରବାସୀଙ୍କ ସମେତ ଅନେକ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତି ମଧ୍ୟରେ ବହୁବାର ଆନ୍ଦୋଳନ, ରାସ୍ତାରୋକୋ, ଧାରଣା ଆଦି କରାଯାଇଥିଲେ ସୁଦ୍ଧା ଜାତୀୟ ରାଜପଥ ପ୍ରାଧିକରଣ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ରାଜପଥ ପ୍ରାଧିକରଣ ତଥା ନିର୍ମାଣକାରୀ ଠିକା ସଂସ୍ଥା ନିର୍ଭର ପ୍ରତିଶ୍ରୁତି ଦେଇ ମଧ୍ୟ ବିଫଳ ହେଉଛନ୍ତି। ଫଳରେ ଧୈର୍ଯ୍ୟର ସବୁସୀମା ଉଲ୍ଲଂଘନ ହୋଇ ସାରିଥିବା ଚୌଦ୍ୱାର ସହରବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

